## ପୁଆଳ ଭାଡିରେ ନିଆଁଲାଗି ପୋଡ଼ି ପାଉଁଶ

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ତୁନମୁରା ଗ୍ରାମର ଦିଲୀପ କୁମାର ପଣ୍ଡାଙ୍କ ପୁଆଳ ଭାଡିରେ ନିଆଁ ଲାଗିବାରୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। କୁତ୍ରା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦିଲୀପଙ୍କ କହିବା ଅନୁସାରେ କେହି ଜଣେ ଦୁର୍ବୃତ୍ତ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ପୁଆଳ ଭାଡିରେ ନିଆଁ ଲଗାଇଦେଇଥିଲେ। ସୂଚନା ଥାଉକି କୁତ୍ରା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢ଼ିବଢ଼ି ଚାଲିଛି। ଚୋରି, ଡକାୟତି ବଢ଼ିବା ସହ ପୁଆଳ ଭାଡିରେ ଜାଣିଶୁଣି ନିଆଁ ଲଗାଇବା, ଜଙ୍ଗଲ ଜମିରେ ନିଆଁ ଲଗାଇବା ଘଟଣା ବଢ଼ୁଛି। ଏଣୁ ଏଦିଗରେ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି।

**ସଂକ୍ଷେପରେ**

## ନାବାଳିକା ବିବାହ ପ୍ରସ୍ତାବ ବାତିଲ

**ଲହୁଣୀପଡା, ୨୦।୩ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଆଇସିଡିଏସ୍ ବିଭାଗର କର୍ମଚାରୀଙ୍କ ହସ୍ତକ୍ଷେପ ପରେ ନାବାଳିକା ବିବାହ ପ୍ରସ୍ତାବ ସ୍ଥଗିତ ରହିଥିବା ଜଣାପଡ଼ିଛି। ଟକରା ଗ୍ରାମର ସ୍ୱର୍ଗତ ଲଗନ କୁମ୍ଭାରଙ୍କ ପୁଅ ଲାଲମୋହନର ବିବାହ ପ୍ରସ୍ତାବ ଦର୍ଜିଂ ପଞ୍ଚାୟତ ସାଲେପାଲି ଗ୍ରାମରେ ପଡିଥିଲା। ସାମାଜିକ ପ୍ରଥା ଅନୁସାରେ ଶୁକ୍ରବାର ଝିଅ ପରିବାର ପକ୍ଷରୁ ପୁଅ ଘର ଦେଖିବା ପାଇଁ ଆସିଥିଲେ। ଏହି କଥାଟି କୌଣସି ମୋତେ ଶୁଣିପାରି ଲହୁଣୀପଡା ଆଇସିଡିଏସର ସିଡିପିଓ ମୀନାକ୍ଷୀ ନାୟକ, ସୁପରଭାଇଜର ମାନସୀରାଣୀ ନାୟକ, ରେବତୀ ବେହେରା, ହିଲାରୀୟନ ଏଥେଲ କନଗାଡି, ଅଙ୍ଗନୱାଡି କର୍ମୀ, ପୋଲିସ ପହଞ୍ଚି ଉଭୟ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଝିଅର ବିବାହ ବୟସ ହୋଇ ନ ଥିବାରୁ ଏହି ବିବାହ ପ୍ରସ୍ତାବକୁ ବନ୍ଦ କରିବା ପାଇଁ ବାଧ କରିଥିଲେ। ଉଭୟ ପରିବାର ରାଜିହୋଇ ବିବାହକୁ ବାତିଲ କରି ଦେଇଥିବା ଜଣାପଡ଼ିଛି।

## ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ବୈଠକ

**ରାଜଗାଙ୍ଗପୁର, ୨୦।୩ (ଡି.ଏନ.ଏ):** ରାଜଗାଙ୍ଗପୁରର ଗୋଶାଳା ପଡାରେ ଥିବା ଯୋଗକେନ୍ଦ୍ରରେ ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ଅଧିକାରୀ ସୁଧାଂଶୁ ପଟ୍ଟନାୟକଙ୍କ ସହ ବିଭିନ୍ନ ଅଞ୍ଚଳର ବିଭିନ୍ନ ଅଧିକାରୀମାନେ ଯୋଗଦେଇ ହିନ୍ଦୁ ଧର୍ମର ପ୍ରସାର କରିବା ସହ ଧର୍ମାନ୍ତକରଣ ବନ୍ଦ କରିବା ଓ ହିନ୍ଦୁ ଧର୍ମକୁ ପରାବର୍ତ୍ତନ କରାଇବା ଉପରେ ମୁଖ୍ୟତଃ ନିଷ୍ଠାପୂର୍ବ କାର୍ଯ୍ୟ କରିବା ପାଇଁ ମତ ରଖିଥିଲେ। ଏହି ବୈଠକରେ ମୁଖ୍ୟତଃ ବିଶ୍ୱମ୍ଭରନାଥ ମିଶ୍ର, ଧର୍ମପ୍ରସାଦ ଦାସ, ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ବିଶ୍ୱହିନ୍ଦୁ ପରିଷଦର ବହୁ ଅନ୍ୟ ଅଧିକାରୀ ରହିଥିଲେ।

## ଭାରିଯାନ ଧକ୍କାରେ ଜଣେ ସଙ୍କଟାପନ୍ନ

**ବଡଗାଁ, ୨୦।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ତହସିଲ ଅଫିସ ସମ୍ମୁଖ ରାଜ୍ୟ ରାଜପଥରେ ଶନିବାର ରାତି ୮ଟାରେ କୌଣସି ଭାରିଯାନ ଧକ୍କା ଦେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲା ଆରଜିଏଚକୁ ପଠାଯାଇଛି। କଣ୍ଟିଆମୁରା ଗ୍ରାମର ସଦାନନ୍ଦ ସୋରେଙ୍ଗ (୪୫) ମିସ୍ତ୍ରୀ କାମ କରି ବଡଗାଁରୁ ଫେରୁଥିଲା ବେଳେ କୌଣସି ଗାଡି ଧକ୍କା ଦେଇ ଚାଲିଯାଇଥିଲା।

## କାଜୁ ତେଲ ବୋଝେଇ ଟ୍ରକ୍ ସହ ୨୮୦ କିଲୋ ଗଞ୍ଜେଇ ଜବତ: ୧ ଗିରଫ



**ଦେବଗଡ଼,୨୦।୩(ଡି.ଏନ.ଏ.):** ଶୁକ୍ରବାର ପ୍ରତ୍ୟୁଷରେ ଭୁବନେଶ୍ୱରସ୍ଥିତ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋର ଏକ ଟିମ୍ ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ଏକ କାଜୁତେଲ ବୋଝେଇ ଟ୍ରକକୁ ଜବତ କରିବା ସହ ସେଥି ମଧ୍ୟରୁ ୨୮୦କିଲୋ ଚୋରା ଗଞ୍ଜେଇ ଜବତ କରିଛି । ଏଥିସହ ଉକ୍ତ ଟ୍ରକ ଚାଳକଙ୍କୁ ଗିରଫ କରିଥିବା ଜଣାପଡିଛି। ତେବେ ଟ୍ରକରେ ଥିବା ଅନ୍ୟ ୨ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏକ ଟ୍ରକ ନଂ. ଏଚ୍ଆର -୭୩ ଏ -୦୪୯୧ ରେ ଅନୁଗୋଳ ଜିଲାର କୌଣସି ଏକ ସ୍ଥାନରୁ ଗଞ୍ଜେଇ ବୋଝେଇ କରି ରାଜସ୍ଥାନ ରାଜ୍ୟକୁ ଚୋରାଚାଲାଣ ହେଉଥିଲା । ଏ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନାପାଇ ଭୁବନେଶ୍ୱର ସ୍ଥିତ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଟ୍ରକକୁ ପିଛା କରିଥିଲେ। ତେବେ ଉକ୍ତ ଟ୍ରକଟିକୁ ପୋଲିସ ପିଛା କରାଯାଉଥିବା ଜାଣିପାରି ଟ୍ରକ ଚାଳକ ଦୃତ ଗତିରେ ଚଳାଇ ଖସି ଯିବାକୁ ଉଦ୍ୟମ କରିଥିଲା। ଏନ୍‌ସିବି ଟିମ୍ ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମ ନିକଟରେ ଉକ୍ତ ଟ୍ରକକୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ଟ୍ରକର ଚାଳକ ଏନ୍‌ସିବି ଟିମ୍‌ର ବୋଲେରୋକୁ ଧକ୍କା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲେ ହେଁ ଖସି ଯାଇ ପାରି ନ ଥିଲା ।





କୁତ୍ରା ଅଞ୍ଚଳରେ ପରିତ୍ୟକ୍ତ ଖଣିରେ ବର୍ଷାପାଣି ଗଚ୍ଛିତ ରହିଛି।

# ଖଣି ବନ୍ଦ: ଶହଶହ ଶ୍ରମିକ ବେକାର

**କୁତ୍ରା, ୨୦।୩ (ଡି.ଏନ୍.ଏ.)**

- ପରିତ୍ୟକ୍ତ ଖଣିରେ ଗଚ୍ଛିତ ରହୁଥିବା ବର୍ଷା ପାଣିକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଉ
- ପାଣି ବିନିଯୋଗ କଲେ ବେକାର ଶ୍ରମିକମାନେ ଚାଷକାର୍ଯ୍ୟ ପ୍ରତି ଆକୃଷ୍ଟ ହେବେ

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଖଣି ବନ୍ଦ ହେବାରେ ଲାଗିଛି। ଫଳରେ ଏଥିରେ କାମ କରୁଥିବା ଶହଶହ ଶ୍ରମିକ ବେକାର ହୋଇଛନ୍ତି। ଅପରପକ୍ଷରେ ଯେଉଁ ଖଣିଗୁଡ଼ିକ ପରିତ୍ୟକ୍ତ ବା ଅଚଳ ହୋଇରହିଛି, ସେହି ଖଣି ଅଞ୍ଚଳରେ ଗଚ୍ଛିତ ରହୁଥିବା ବର୍ଷା ପାଣିକୁ ଚାଷ ଜମିରେ ବ୍ୟବହାର କରାଗଲେ ଅନେକ ବେକାର ଶ୍ରମିକ ଚାଷକାର୍ଯ୍ୟ ପ୍ରତି ଆକୃଷ୍ଟ ହୁଅନ୍ତେ। କିନ୍ତୁ ତାହା ହେଉ ନ ଥିବାରୁ କୁତ୍ରା ବ୍ଲକ ଅଞ୍ଚଳରେ ବେକାରି ସମସ୍ୟା ଉତ୍କଟ ଆକାର ଧାରଣ କରୁଛି।

ବ୍ଲକର ଗୋମାରଡିହିଠାରେ ଟାଟା ଷ୍ଟିଲ୍‌ର ଏକ ଚୂନପଥର ଖଣି ରହିଥିଲା। ଏଥିରେ ବ୍ଲକର ଅନେକ ଯୁବକ ଶ୍ରମିକ ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଟାଟା ଷ୍ଟିଲର ଖଣି ଖନନ ଲାଗି ପାଇଥିବା ଲିଜ୍ ସରିଯାଇଥିବା ବେଳେ ପୁନଃ ଲିଜ ମିଳି ନ ଥିବାରୁ ଖଣି ବର୍ଷେ ହେଲା ବନ୍ଦ ହୋଇଯାଇଛି। ଫଳରେ ଶହଶହ ଶ୍ରମିକ ବେକାର ହୋଇ ରହିଛନ୍ତି। ଟାଟା ଷ୍ଟିଲର ଖଣି ଅଞ୍ଚଳରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲରେ ବା କ୍ୱାରିରେ ବର୍ଷା ପାଣି ଗଚ୍ଛିତ ହୋଇରହିଥିଲେ ମଧ୍ୟ ଚାଷ ଜମିରେ ବ୍ୟବହାର କରାଯାଇ ପାରିନାହିଁ। ଅନ୍ୟପକ୍ଷରେ ଟାଟା ଷ୍ଟିଲ ଗୋମାରଡିହି କ୍ୱାରି ପାଖରେ ଥିବା ବିବେକ ଲାଲ ଖଣିରୁ ବାହାରୁଥିବା ପାଣି କୃଷି କ୍ଷେତ୍ରରେ ବ୍ୟବହାର କିଛିମାତ୍ରାରେ ହେଉଛି। ଏହାର ସ୍ଥାୟୀ କାୟାକଳ୍ପ ପ୍ରତିଷ୍ଠା ଦିଗରେ ଜିଲା ପ୍ରଶାସନ, ସମ୍ପୃକ୍ତ ଖଣି ଓ ଆଞ୍ଚଳିକ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଉଚିତ ପଦକ୍ଷେପ ନେଲେ ଅନେକ ପଞ୍ଚାୟତର କୃଷକ ଉପକୃତ ହୋଇପାରିବେ।

କେବଳ ଏହି ଗୋଟିଏ ବା ଦୁଇଟି ନୁହେଁ, କୁତ୍ରା ବ୍ଲକର କନ୍ଦେଇମୁଣ୍ଡା, ଖଡକୁରବାହାଲ, କଟଙ୍ଗ, ଝାରବେଡା, ତୁନମୁରା ଆଦି ପଞ୍ଚାୟତରେ ଅନେକ ପରିତ୍ୟକ୍ତ ଖଣି ରହିଛି। ଏହି ଖଣିର ଖାଲୁଆ ଅଞ୍ଚଳରେ ଗଚ୍ଛିତ ପାଣିକୁ ଖଣି ପାଖାପାଖି ଅଞ୍ଚଳରେ ଥିବା ଚାଷ ଜମିରେ ବ୍ୟବହାର କରାଯାଇପାରିନାହିଁ। ଏହି ସବୁ ଖଣିରୁ ପୂର୍ବରୁ ଚୂନପଥର ଉତ୍ତୋଳନ ହେଉଥିଲା। ଖଣି ବନ୍ଦ ପରେ ଶ୍ରମିକମାନେ ବେକାର ହୋଇଯାଇଥିଲେ। ଏଠାରେ କାମ କରୁଥିବା ଶ୍ରମିକମାନେ ମାସମାସ, ବର୍ଷବର୍ଷଧରିପୁନଃନିଯୁକ୍ତିପ୍ରତୀକ୍ଷା ପରେ ଶେଷରେ ବାଧହୋଇ କିଏ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଗଲେଣି ତ କିଏ ବେକାର ହୋଇ ଅସାମାଜିକ କାର୍ଯ୍ୟରେ ସମ୍ପୃକ୍ତ ହେଉଛନ୍ତି। ଅନ୍ତତଃ ପକ୍ଷେ ଏହି ଖଣି ଅଞ୍ଚଳରେ ବର୍ଷାପାଣି ଭରପୂର ହୋଇରହୁଥିବାରୁ ତାହାକୁ ବିନିଯୋଗ କରି କୃଷି କାର୍ଯ୍ୟରେ ଲଗାଗଲେ ଅନେକ ଯୁବକ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ।

ମୋଟର ପମ୍ପ ଯୋଗେ ଏହି ଖଣିରୁ ଜଳଯୋଗାଣ ବ୍ୟବସ୍ଥା ହେଲେ ବିଶେଷ କରି ଖରାଟିଆ ଚାଷ ଓ ରବି ଫସଲ କରାଯାଇପାରନ୍ତା ବୋଲି ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ କହିଛନ୍ତି। ବର୍ଷାଭିତ୍ତିକ ଚାଷ ପାଇଁ ପରିଚିତ କୁତ୍ରା ବ୍ଲକର ଚାଷୀ ବର୍ଷ ତମାମ ଚାଷ କାର୍ଯ୍ୟ କରିପାରନ୍ତେ। ତେବେ ଏ ଦିଗରେ ଦୃଷ୍ଟି ଦେବାକୁ ରାଜନୈତିକ ବ୍ୟକ୍ତିମାନଙ୍କର ପ୍ରୟାସ ହେଉ ନ ଥିବାରୁ ସାଧାରଣ ଜନତା ରୋଜଗାରରୁ ବଞ୍ଚିତ ହେଉଛନ୍ତି। କୁତ୍ରା ଓ ପଡ଼ୋଶୀ ରାଜଗାଙ୍ଗପୁର ବ୍ଲକରେ ବଡ କାରଖାନା ସାଙ୍ଗକୁ ବଡବଡ ଖଣି ଥିବା ବେଳେ ଗତ କିଛି ବର୍ଷ ଧରି ଲାଇମଷ୍ଟୋନ ଓ ଡୋଲୋମାଇଟ୍ ଖଣି ବନ୍ଦ ହେବା ଯୋଗୁ ଶହଶହ ଲୋକ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ବନ୍ଦ ଖଣିଗୁଡିକରେ ବର୍ଷ ବର୍ଷ ଧରି ପାଣି ଜମା ହୋଇଥିବା ବେଳେ ତାହା କୌଣସି ପ୍ରକାରରେ ବ୍ୟବହାରରେ ନ ଆସିବା ଦ୍ୱାରା ଶ୍ରମିକଙ୍କୁ ଅଡୁଆ ଓ ଚାଷୀଙ୍କୁ ବି ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। କୁତ୍ରା ବ୍ଲକର କଟଙ୍ଗ ଗ୍ରାମପଞ୍ଚାୟତରେ ଥିବା ମିଶ୍ରିଲାଲ ମାଇନ୍ସ, କପୁର ମାଇନ୍ସ, ଓସିଏଲର ମାଇନ୍ସ ମଧ୍ୟ ପରିତ୍ୟକ୍ତ ବା ଅଚଳ ହୋଇପଡ଼ିରହିଛି। ଏହି ଖଣିଠାରୁ କିଛି ଦୂରରେ ଚାଷଜମି ରହିଛି। କିନ୍ତୁ ଜଳସେଚନ ସୁବିଧା ନ ଥିବାରୁ ଚାଷ ହୋଇପାରୁନାହିଁ। ସ୍ଥାନୀୟ ଲୋକଙ୍କ କହିବା କଥା ଯଦି ଏହି ଚାଷ ଜମିକୁ ଜଳସେଚନ କରାଯାଇପାରିବ ତେବେ ଅନେକେ ଉପକୃତ ହେବେ। ଖଣି ବନ୍ଦ ପରେ ଯେଉଁମାନେ ବେକାର ହୋଇଛନ୍ତି ସେମାନେ ଚାଷ କରିପାରିବେ। ଯଦି ଖଣି ପରିତ୍ୟକ୍ତ ହେଲା ତେବେ ଖଣି ଅଞ୍ଚଳରେ ବର୍ଷବର୍ଷ ଧରି ଗଚ୍ଛିତ ହୋଇ ରହୁଥିବା ବର୍ଷାପାଣିକୁ ଚାଷ କାର୍ଯ୍ୟରେ ଲଗାଇବାର ବ୍ୟବସ୍ଥା ପ୍ରଶାସନ, ସରକାରଙ୍କ ପକ୍ଷରୁ କରାଯାଉ। ତାହା ନ ହେଲେ ଭବିଷ୍ୟତରେ କୁତ୍ରା ବ୍ଲକରେ ବେକାରି ସମସ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ।

**ରିପୋର୍ଟ: ଦେବାଶିଷ ସାହୁ**

## ବେଆଇନ ଦେଶୀ ରନ୍ଧା ମଦ ଜବତ: ୪ ଗିରଫ

**ଦେବଗଡ଼,୨୦।୩(ଡି.ଏନ.ଏ)**

ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରିବା ସହ ପ୍ରାୟ ୩୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି । ଏଥିସହ ବେଆଇନ ମଦ ପ୍ରସ୍ତୁତି ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସକାଳୁ ଜିଲା ଅବକାରୀ ଅଧୀକ୍ଷକ ଅଜିତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନିରୀକ୍ଷକ ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀମାନେ ବଡ ଛାପଲ ଗ୍ରାମର ବିଜୟ କିଷାନ ଓ ଘନ କିସାନ, ଗୌଡନାଲି ଗ୍ରାମର କନକ କିସାନ ଏବଂ ପୁରକୁଣ୍ଡା ଗ୍ରାମର ଗୁରୁଚରଣ ହସ୍ତୀ ସମ୍ପୃକ୍ତ ଗ୍ରାମ ମାନଙ୍କରେ ବେଆଇନ ଦେଶୀ ରନ୍ଧାମଦ କାରବାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସେଠାରେ ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ ସେମାନଙ୍କ ଠାରୁ୩୦ ଲିଟରରୁ ଉର୍ଦ୍ଧ୍ୱ ପରିମାଣର ମଦ ଜବତ କିରବା ସହ ୬୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଥିଲା । ସେହିପରି ବଡଛାପଲ ଗ୍ରାମର ଏକ ସ୍ଥାନରୁ ବେଆଇନ ଭାବେ ଗଚ୍ଛିତ ଦେଢ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମହୁଲ ପୋଚ ଏବଂ ମଦରନ୍ଧା ସରଞ୍ଜାମ ଜବତ କରିଥିବା ଜଣାପଡିଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ, ୨୦।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ପାମରା, ଦଶରାପଡାର ଦୁତିଆ ମାଝୀ (୩୫) ପୋଖରୀରେ ମାଛ ମାରୁଥିଲା ବେଳେ ଦଳରେ ଗୋଡ ଛନ୍ଦି ହୋଇଯିବାରୁ ପାଣିରେ ବୁଡି ମୃତ୍ୟୁହୋଇଛି । ସେନ୍ଦ୍ରିଟାଙ୍ଗର ଗାଁର ମୁଡା (ପୋଖରୀ)ରେ ଦୁତିଆଙ୍କ ସହିତ କେତେକ ମାଛ ମାରିବା ପାଇଁ ଜାଲ ପକାଇଥିଲେ। ମଧାହ୍ନ ୧୨ଟାରେ ମାଛ ମାରିବା ବେଳେ ବୁଡିଯାଇଥିଲେ ।

## ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଦୃଷ୍ଟିବାଧିତ ଶିକ୍ଷୟିତ୍ରୀଙ୍କୁ ମିଳିଲା ପୁନଃନିଯୁକ୍ତି

**ସୁନ୍ଦରଗଡ଼, ୨୦।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସଦର ବ୍ଲକ ଭେଡାବାହାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷୟିତ୍ରୀ ତପେଶ୍ୱରୀ ପଣ୍ଡାଙ୍କୁ ରାଜ୍ୟ ସରକାର ପୁନ୍ଃ ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକ୍ରମେ ଜିଲାର ୫୦ବର୍ଷରୁ ଉର୍ଦ୍ଧ୍ୱ ୩୪ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ଅବହେଳା, ଅପାରଗତା ଓ ଅକ୍ଷମ ଥିବା ରିପୋର୍ଟ ଆଧାରରେ ଗତ ଫେବୃୟାରୀ ୧୭ରେ ଚାକିରୀରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ସଦର ବ୍ଲକ ଭେଡାବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ତପେଶ୍ୱରୀ ପଣ୍ଡାଙ୍କୁ ବାଧ୍ୟତାମୂଳକ ଅବସର ଦେଇ ଚାକିରୀରୁ ବିଦା କରିବା ଘଟଣା ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ତପେଶ୍ୱରୀଙ୍କୁ ଅକ୍ଷମ ଦର୍ଶାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ ପରେ ରାଜ୍ୟ ସରକାର ତାଙ୍କୁ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଏ ବିଇଡି ଶିକ୍ଷା ଯୋଗ୍ୟତା ହାସଲ କରିଥିବା ସହକାରୀ ଶିକ୍ଷୟିତ୍ରୀ ପଣ୍ଡା ୨୦୧୭ରେ ଅଚାନକ ଦୃଷ୍ଟିଶକ୍ତି ହରାଇଥିଲେ। ଏଭଳି ଚକ୍ଷୁ ସମସ୍ୟା ଦେଖାଦେବା ପରେ ଭୁବନେଶ୍ୱର ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ମଧ୍ୟ ସେ ଭଲ ଭାବେ ଦେଖି ପାରୁ ନ ଥିଲେ । କିନ୍ତୁ ସ୍କୁଲ ଯିବା ଦିନେ ବି ବନ୍ଦ କରି ନ ଥିଲେ । ସେନା ବିଭାଗରୁ ଅବସର ନେଇଥିବା ସ୍ୱାମୀ ରମେଶ ପଣ୍ଡାଙ୍କ ସହାୟତାରେ ସେ ପ୍ରତିଦିନ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପିଲାଙ୍କୁ ଶିକ୍ଷାଦାନ କରି ଆସୁଥିଲେ । ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ବାଧ୍ୟତାମୂଳକ ଅବସର ତାଲିକାରେ ତାଙ୍କର ନାମ ଥିବା ନିର୍ଦ୍ଦେଶନାମା ତାଙ୍କ ନିକଟରେ ପହଞ୍ଚିବା ପରେ ସେ ଭାଙ୍ଗି ପଡିଥିଲେ। ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କ ପ୍ରତି ସରକାରଙ୍କ ଏଭଳି ମନୋଭାବ ନେଇ ବ୍ୟଥିତ ହୋଇପଡିଥିଲେ। ବିଭିନ୍ନ ଗଣମାଧ୍ୟମରେ ଏସମ୍ପର୍କୀତ ଖବର ପ୍ରକାଶ ପାଇବା ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ଦାଶଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରୁ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ ପହଞ୍ଚି ସତ୍ୟାସତ୍ୟ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ପରେ ରାଜ୍ୟସରକାର ପୁର୍ନବିଚାର କରି ତାଙ୍କୁ ପୁନଃନିଯୁକ୍ତି ପ୍ରଦାନ କରିଛନ୍ତି।

## ତିନି ଦିନ ପରେ ଆୟତ୍ତ ହେଲା ଜଙ୍ଗଲ ନିଆଁ

**କୁତ୍ରା, ୨୦।୩(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁର ଜଳୁଥିବା କୁଟେର ଜଙ୍ଗଲ ଗତ ତିନି ଦିନ ପରେ ଆୟତ୍ତ ହୋଇଛି। ଏହିନିଆଁରେ ଅନେକ ବନ୍ୟପ୍ରାଣୀ, ମୂଲ୍ୟବାନ ଗଛ ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଭଳି ବାରମ୍ବାର ବିଭିନ୍ନ ଅଞ୍ଚଳର ଜଙ୍ଗଲ ଜଳୁଥିବାର ଦେଖିବାକୁ ମିଳୁଛି। ବାରମ୍ବାର ଜଙ୍ଗଲ ନିଆଁ ଲାଗୁଥିବାରୁ ଅନେକ ବନ୍ୟପ୍ରାଣୀ, ଗଛଲତା ନଷ୍ଟ ହେବା ସହିତ ପରିବେଶ ପ୍ରଦୂଷଣ ହେଉଛି। ଗତ ତିନି ଦିନ ଧରି ଜଳୁଥିବା କୁଟେର ଜଙ୍ଗଲକୁ ବଡ଼ଗାଁ, କୁତ୍ରା ବନାଞ୍ଚଳ ପଞ୍ଚରା ସେକ୍ସନର କର୍ମଚାରୀ ତିନି ଦିନ ପରେ ନିଆଁ ଲିଭାଇବାକୁ ସକ୍ଷମ ହେଲେ। ଗତ ୧୫ ଦିନ ଭିତରେ ପଞ୍ଚରା ଜଙ୍ଗଲ ଗୋଟିଏ ସପ୍ତାହ ଧରି ଜଳୁଥିବାର ଦେଖିବାକୁ ମିଳିଥିଲା। ଏହି ଜଙ୍ଗଲ ଗୁଡ଼ିକରେ ଅନେକ ବନ୍ୟପ୍ରାଣୀ, ହାତୀ ରହୁଥିବା ବେଳେ ବାରମ୍ବାର ନିଆଁ ଲାଗୁଥିବାରୁ ଭୟଭିତ ହୋଇ ଗାଁ ମୁହାଁ ହେଉଥିବାରୁ ଲୋକମାନେ ମଧ ଭୟରେ ରହୁଛନ୍ତି। ବାରମ୍ବାର ଜଙ୍ଗଲ ନିଆଁ ଲାଗୁଥିଲେ ମଧ ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାର ଅଭିଯୋଗ ହେଉଛି। ଏଣୁ ଏଦିଗରେ ବନ ବିଭାଗ ସତର୍କ ହୋଇ ଏହାର ସମ୍ପୂର୍ଣ୍ଣ ସମାଧାନ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମଣ୍ଡିରେ ପଡ଼ି ନଷ୍ଟ ହେଉଛି ଧାନ

**କୁତ୍ରା, ୨୦।୩ (ଡି.ଏନ.ଏ.)**



କୁତ୍ରା ଅଞ୍ଚଳରେ ମଣ୍ଡିରେ ପଡ଼ି ଧାନ ନଷ୍ଟ ହେଉଛି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଚାଷୀମାନେ ଉତ୍ପାଦିତ ଧାନ ଠିକ୍ ଭାବେ ବିକ୍ରୟ କରିପାରୁନାହାନ୍ତି। ଫଳରେ ମଣ୍ଡିରେ ପଡ଼ିପଡ଼ି ନଷ୍ଟ ହେଉଛି ଧାନ। ଏହି ବ୍ଲକର କୁତ୍ରା, ବିରଙ୍ଗାଟୋଲି, ପଞ୍ଚରା ଆଦି ସ୍ଥାନରେ ସମବାୟ ସମିତି ଅଛି। ଏମାନଙ୍କୁ ଧାନ କ୍ରୟ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି ସରକାର। ନିୟମ ଅନୁଯାୟୀ ଟୋକନ ଦ୍ୱାରା ଚାଷୀ ଏହି ସମିତିଗୁଡ଼ିକୁ ଧାନ ବିକ୍ରୟ କରିବେ। ଖରିଫ ଧାନ ବିକ୍ରୟ କରିବା ପାଇଁ ଚାଷୀମାନେ ମଣ୍ଡିକୁ ଆଣିଥିଲେ। ଟୋକନ ଥିଲେ ବି ବିକ୍ରି କରିପାରୁନାହାନ୍ତି। ମିଲରମାନେ ଟାର୍ଗେଟ ନ ଥିବା କହି ଧାନ ଉଠାଉନାହାନ୍ତି। ଫଳରେ ଧାନ ମଣ୍ଡିରେ ପଡ଼ିରହିଛି। ମଣ୍ଡିରେ ଖରା ବର୍ଷାରେ ପଡିରହି ଧାନର ମାନ ହ୍ରାସ ପାଉଛି। ଅନ୍ୟପଟେ ଗୋରୁ, ଛେଳି ମଣ୍ଡି ଭିତରକୁ ପ୍ରବେଶ କରି ବସ୍ତା ଭିତରୁ ଧାନ ଖାଇଦେଉଛନ୍ତି। ଧାନ ସପ୍ତାହ ସପ୍ତାହ ଧରି ପଡ଼ିରହୁଥିବାରୁ ଜଗି ରହିବା ଚାଷୀମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ମଣ୍ଡିଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଠିକ୍ ନାହିଁ। ଧାନକୁ ଘୋଡ଼ାଇ ରଖିବା ବ୍ୟବସ୍ଥା ନାହିଁ। କେତେକ ମଣ୍ଡିରେ ଧାନବସ୍ତା ଭିତରୁ ବାହାରି ତଳେ ପଡ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଚାଷୀମାନଙ୍କର ଏଭଳି କ୍ଷତି ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉଠୁଛି। ସମସ୍ତେ ନିଜ ଦୋଷ ଖସାଇବା ପାଇଁ ଉଦ୍ୟମରତ। କେତେକ ଚାଷଙ୍କର ଧାନ ମଣ୍ଡିରେ ପଡ଼ି ନଷ୍ଟ ହେଉଥିବାର ଦେଖି ବ୍ଲକର ଆଉ କେତେକ ଅଞ୍ଚଳର ଚାଷୀମାନେ ଟୋକନ ଥାଇ ମଧ ଧାନ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀଙ୍କ ଧାନ ଉଠାଇବାକୁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଯେଉଁ ଚାଷୀମାନଙ୍କର ଧାନ ମଣ୍ଡିରେ ପଡ଼ିରହୁଛି, ସେଗୁଡ଼ିକ ସୁରକ୍ଷିତ ଭାବେ ରଖିବା ବ୍ୟବସ୍ଥା କରାଯାଉ ବୋଲି ମତପ୍ରକାଶ ପାଇଛି।

## ରାଉରକେଲା ଏନ୍‌ଆଇଟିର ୧୮ତମ ସମାବର୍ତ୍ତନ ଉତ୍ସବ ଆଜି







ରାଉରକେଲା ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ ପାଳନ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ(ବାମ)। ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ ପାଳନ ପୂର୍ବରୁ ସମ୍ମୁଖ ଭାଗକୁ ସୁସଜ୍ଜିତ କରାଯାଇଛି। (ଫଟୋ: ବିବେକ)

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ (୧୪) ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶନିବାର ବରଗଡ ଷ୍ଟେଶନପଡାର ନୃପ ବାଗ୍ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ନାବାଳିକା ଜଣଙ୍କ ମାର୍ଚ୍ଚ ୧୪ରେ ଘରୁ ଟ୍ୟୁଶନ ପଢିବାକୁ ଯାଇଥିଲେ। କିନ୍ତୁ ପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ବର୍ଗ ଖୋଜାଖୋଜି ପରେ ନୃପ ତାଙ୍କ ଝିଅକୁ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୯/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ଗଠନ କରିଥିଲା। ନାବାଳିକାଙ୍କ ସହ ନୃପଙ୍କୁ କଣ୍ଟାବାଞ୍ଜିରୁ ଗିରଫ କରାଯାଇଥିଲା। ଡାକ୍ତରୀ ମାଇନା ପରେ ନୃପଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଛାତ୍ର ବିଜେଡିର ରକ୍ତଦାନ ଶିବିର, ହୀରାକୁଦ କଲୋନି ରୋଟାରି କ୍ଲବ, ପୂର୍ବାହ୍ନ ୯ଟା ।
- ମୋ କଲେଜ ଅଭିଯାନ, ସରକାରୀ ମହିଳା କଲେଜ ସଭାକକ୍ଷ, ଅପରାହ୍ନ ସାଢ଼େ ୪ଟା ।

## ସଂକ୍ଷେପରେ

### ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଜଣେ ଗିରଫ

**ରେଢ଼ାଖୋଲ,୨୦।୩ (ଡି.ଏନ.ଏ.):** ରେଢାଖୋଲ ରେଞ୍ଜ ଅଧୀନ ହେମାମୁରା ବିନ୍ଧ୍ୟବାସିନୀ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ହେମାମୁରା ଗ୍ରାମର ତ୍ରିପୁର ବେହେରା(୫୪)ଙ୍କୁ ଗିରଫ କରିଛି। ଏ ନେଇ ରେଢାଖୋଲ ରେଞ୍ଜରେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତ ତ୍ରିପୁରଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟ୍ରକ୍ ମାଲିକ ସଂଘ ନିର୍ବାଚନ ଘୁଞ୍ଚିଲା

**ବ୍ରଜରାଜନଗର, ୨୦।୩ (ଡି.ଏନ.ଏ.):** ବ୍ରଜରାଜନଗର ଟ୍ରକ ମାଲିକ ସଂଘ ତାରିଖ ପୁନର୍ବାର ଘୁଞ୍ଚାଇ ଦିଆଯାଇଛି। ପ୍ରଥମେ ମାର୍ଚ୍ଚ ୧୭, ପରେ ୨୧ ଓ ଏବେ ପୁଣି ମାର୍ଚ୍ଚ ୨୪ ତାରିଖରେ ନିର୍ବାଚନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ବିଶ୍ୱନାଥ ନାଏକ ସୂଚନା ଦେଇଛନ୍ତି। ସେହିପରି ସ୍ଥାନ କଲ୍ୟାଣ ମଣ୍ଡପ ପରିବର୍ତ୍ତେ ଇଏସ୍ଆଇ ଛକ ଦୁର୍ଗାମଣ୍ଡପ ରଖାଯାଇଛି। ମାର୍ଚ୍ଚ ୨୧ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡ଼ା ଗସ୍ତ ଥିବାରୁ ପ୍ରଶାସନର ସହାୟତା ମିଳି ନ ପାରିବା କାରଣରୁ ତାରିଖ ଘୁଞ୍ଚାଯାଇଥିବା ଜଣାପଡିଛି।

### ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ରେଙ୍ଗାଲି, ୨୦।୩ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଜୀବ ଭବନଠାରେ ଆୟୋଜିତ ଶିବିରକୁ ଲପଙ୍ଗା ସରପଞ୍ଚ ପ୍ରଶାନ୍ତ ଗୁରୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ପାରିପାର୍ଶ୍ୱିକ ବିଭାଗ ଓ ଓସାକ ସଂଗଠନର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା। କମ୍ପାନୀ କର୍ମଚାରୀ, ଜନସାଧାରଣଙ୍କ ସହଯୋଗରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କମ୍ପାନୀର ପାରିପାର୍ଶ୍ୱିକ ବିଭାଗ ମୁଖ୍ୟ ଶ୍ୱେତ ଉପାଧ୍ୟାୟ, ସହପ୍ରବନ୍ଧକ ମନୋରଞ୍ଜନ ବେହେରା, ଓସାକ ସଂଗଠନର କର୍ମଦେବ ପଟେଲ ଉପସ୍ଥିତ ଥିଲେ।

### ଏନ୍ଏସ୍‌ସିବି କଲେଜରେ ବୈଠକ

**ସମ୍ବଲପୁର, ୨୦।୩ (ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍ଏସ୍‌ସିବି) କଲେଜରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ସଭା କକ୍ଷରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ ଅଧକ୍ଷତା କରିଥିଲେ। ପୁରାତନ ଛାତ୍ର ସଂଘର ଜୟଶଙ୍କର ମିଶ୍ର ଓ ପରଭେଜ ଅଲ୍ଲି ଖାନ୍‌ଙ୍କ ସମେତ ଅଧାପିକା, ଅଧାପକମାନେ ସାମିଲ ହୋଇ କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଡ. ଶ୍ୟାମ ଭୋଇ, ଡ. ରଘୁମଣି ନାୟକ, ଡ. ବିଶ୍ୱମୋହନ ଜେନା, ଅଧାପକ ହରିହର ମଲ୍ଲିକ ମୋ କଲେଜ ଅଭିଯାନ ବିଷୟରେ ସୂଚନା ଦେଇଥିଲେ।

# ଭିମ୍‌ସାରକୁ ଏମ୍ସ ଢାଞ୍ଚାରେ କରିବାକୁ ଦାବି

**ସମ୍ବଲପୁର,୨୦।୩ (ବ୍ୟୁରୋ)**

- ବୁଦ୍ଧିଜୀବୀଙ୍କ ପରାମର୍ଶ ନେଲା ବିଜେଡି
- ଅନେକ ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା
- ଦଳୀୟ ନୁହେଁ ବରିଷ୍ଠ ନାଗରିକଙ୍କ ବୈଠକ



ବୈଠକରେ ଦଳର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକମାନେ।

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏକ ହୋଟେଲରେ ଶୁକ୍ରବାର ରାତିରେ ଜିଲା ବିଜେଡି ପକ୍ଷରୁ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସିଦ୍ଧାର୍ଥ ଦାସ ଏହି ବୈଠକ ଆୟୋଜନ କରିଥିଲେ। ଏଥିରେ ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କ ସମେତ ଖବରଦାତା ଅର୍ଜୁନ ପଣ୍ଡା, ପୂର୍ବତନ ଉପକୁଳପତି ଡ. ଆଦିତ୍ୟ ପ୍ରସାଦ ପାଢ଼ୀ, ଡ. ରମାବଲ୍ଲଭ ରଥ, ଭାରତ ବିକାଶ ପରିଷଦର ପୂର୍ବତନ ଜିଲା ସଭାପତି ଗୋପୀନାଥ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ସାମାଜିକ କର୍ମୀ ଅଶୋକ ଜଲାନ, ଜ୍ଞାନ ପ୍ରକାଶ ଅଗ୍ରୱାଲ, ପ୍ରଫେସର ଡ. ପରେଶ ଦାନୀ, ପ୍ରତାପ କେଶରୀ ମିଶ୍ର, ବ୍ୟବସାୟୀ ସଂଘର ଅରୁଣ ମୁଖାର୍ଜୀ, ଡ. ଏସ୍.ଏନ. ବାସା, ଡ. ଜ୍ୟୋତିପ୍ରକାଶ ପଣ୍ଡା, ଏସ୍. ଶିବ କୁମାର, ପ୍ରଫେସର ଦିଲୀପ ପଣ୍ଡା, ଡ. ଅନ୍ତର୍ଯାମୀ ପଣ୍ଡା, କ୍ରୀଡାବିତ୍ ଗିରିଜା ଶଙ୍କର ହୋତା, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଚାମ୍ବର ଅଫ୍ କମର୍ସ ଉପସଭାପତି ଧଞ୍ଜି ଭାଇ ପଟେଲ, ଅଶୋକ କୁମାର ମହାପାତ୍ର, ଶଙ୍କର ଲାଲ ଅଗ୍ରୱାଲ, ଘନଶ୍ୟାମ ବର୍ଡିଆ, ପ୍ରଭାସ ଚନ୍ଦ୍ର ଅଗ୍ରୱାଲ, ଆଇନଜୀବୀ ଅଶୋକ ମହାପାତ୍ର, ଆଇନଜୀବୀ ପ୍ରିୟଦର୍ଶୀ ଅମିତାଭ ଷଡ଼ଙ୍ଗୀ, ସଂଯୁକ୍ତା ଶତପଥୀ, ସହରର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ସହରର ଡ୍ରେନ ସଫେଇ, ରାସ୍ତା ନିର୍ମାଣ, ବିଜୁଳି ସମସ୍ୟା ଆଦି ଉପରେ ଆଲୋଚନା ହୋଇଥିଲା। ସହରର ବିକାଶକୁ ନେଇ ଏକ ଡିପିଆର ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଥିଲା। ଜିଲା ସଦର ଡାକ୍ତରଖାନା ଜେପି ମେଡେନେଟି ହସ୍ପିଟାଲରେ ରୋଗୀ ଯେପରି ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପାଇବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବା ସହ ଭିମ୍‌ସାରକୁ ଏମ୍ସ ଢ଼ାଞ୍ଚାରେ କରିବାକୁ ଦାବି ଉପସ୍ଥାପନ କରାଯିବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଡା. ରାସେଶ୍ୱରୀ ପାଣିଗ୍ରାହୀ, ମହାନଗର ନିଗମ ସଭାପତି ପ୍ରଫୁଲ୍ଲ ଦାସଙ୍କ ସମେତ କେତେକ ବିଜେଡି କର୍ମୀ ଓ ନେତା ଅନୁପସ୍ଥିତ ରହିଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ଏହା ଦଳୀୟ ନୁହେଁ, ବରିଷ୍ଠ ନାଗରିକଙ୍କ ବୈଠକ ଥିଲା। ସହରର ସମସ୍ୟା ଉପରେ ଆଲୋଚନା ଓ ସେମାନଙ୍କଠାରୁ ପରାମର୍ଶ ନେବାପାଇଁ ବୈଠକ କରାଯାଇଥିଲା। ସେହିପରି ପୂର୍ବତନ ବିଧାୟକ ପାଣିଗ୍ରାହୀ କହିଛନ୍ତି, ବୈଠକ ହୋଇଥିବା ନେଇ ସେ ଅବଗତ ନାହାନ୍ତି। ତାଙ୍କୁ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିଲା।

# ସାମସିଂହା ଗ୍ରାମରେ ପାନୀୟଜଳ ସମସ୍ୟା

**ରେଢାଖୋଲ,୨୦।୩ (ଡି.ଏନ.ଏ.)**

**ଉପଜିଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର**

ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ସାମସିଂହା ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ଶନିବାର ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମକୁ ପାନୀୟଜଳ ଯୋଗାଇଦେବା ପାଇଁ ସ୍ୱଜଳ ଧାରା ଯୋଜନାରେ ଲକ୍ଷାଧିକ ଟଙ୍କାରେ ସାନକେରାଣ୍ଡି ଯୋରରେ ଟାଙ୍କି ନିର୍ମାଣ କରାଯାଇଛି। ଗାଁକୁ ପାଇପ୍ ମଧ୍ୟ ବିଛାଯାଇଛି। ତେବେ ଗତ ୭ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଯୋଗୁ ଜଳକଷ୍ଟ ଆହୁରି ବଢିବ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଦାବିପତ୍ର ପ୍ରଦାନ ସମୟରେ ସଦାନନ୍ଦ ଷଡଙ୍ଗୀ, ସୁରେଶ ପ୍ରଧାନ, ନାରଦ ପ୍ରଧାନ, କନ୍ଦର୍ପ ଲଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବିଦ୍ୟୁସ୍ମିତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ମୋଟରପମ୍ପ ଚାଳକ ଅନୁପସ୍ଥିତ ଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଖୁବ୍‌ଶୀଘ୍ର ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇ ଜଳ ଯୋଗାଣ କରାଯିବ।

# ଜିଆର୍‌ଏସ୍‌ଙ୍କୁ ଧମକ ଅଡିଓ ଭାଇରାଲ୍ ପ୍ରତିବାଦରେ କଂଗ୍ରେସର ରାଲି

**ଝାରସୁଗୁଡ଼ା ଅଫିସ୍,୨୦।୩**


ଜିଲା କଂଗ୍ରେସ କମିଟି ତରଫରୁ ବାଇକ୍ ରାଲି ।

ଝାରସୁଗୁଡ଼ା ବ୍ଲକ୍ ହିର୍ମା ପଞ୍ଚାୟତ ଜିଆର୍‌ଏସ୍ ରାଧେଶ୍ୟାମ ସାହୁଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମର୍ଥକ ବିଶ୍ୱନାଥ ତ୍ରିପାଠୀ ଫୋନ୍‌ରେ ଧମକ ଦେଇଥିବା ନେଇ ଏକ ଅଡିଓ ଭାଇରାଲ ହୋଇଛି। ଏ ନେଇ ଜିଆର୍‌ଏସ୍ ସାହୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଜିଲା କଂଗ୍ରେସ କମିଟି ତରଫରୁ ଶନିବାର ସହର ମୁଖ୍ୟରାସ୍ତାରେ ଏକ ବାଇକ୍ ରାଲି କରାଯାଇଥିଲା। ସରବାହାଲ ରେଲୱେ ଫାଟକରୁ ବାହାରିଥିବା ରାଲି ବେହେରାମାଲ କିଷାନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହାମଧ୍ୟରେ ମନମୋହନ ସ୍କୁଲ୍ ସମ୍ମୁଖ, ଝଣ୍ଡାଛକ, ଷ୍ଟେଶନ ଛକ, ଧର୍ମଶାଳା ଛକ, ଗାନ୍ଧୀ ଛକ ଆଦି ସ୍ଥାନରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ଉପସଭାପତି ସୀୟାରାମ ଦାସ,ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଲିଗାଲସେଲ୍ ଚେୟାରପର୍ସନ ସନ୍ତୋଷ ବଡପଣ୍ଡା, ମହେନ୍ଦ୍ର ନାୟକ, ଟାଉନ ସଭାପତି ସଞ୍ଜୟ ମହାପାତ୍ର, ଭଗିରଥି ପାତ୍ର, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିନିଧି ଦଳର ମସଲା ଉଦ୍ୟୋଗ ପରିଦର୍ଶନ

**ଝାରସୁଗୁଡ଼ା ଅଫିସ୍,୨୦।୩**

ଜିଲାରେ ଉତ୍ପାଦିତ ହେଉଥିବା କୃଷି ଓ ଉଦ୍ୟାନ ଭିତ୍ତିକ ସାମଗ୍ରୀ ଉତ୍ପାଦକ ଗୋଷ୍ଠୀ ପାଖରେ କିପରି ପହଞ୍ଚିପାରିବ ସେ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଚାଷୀ, ବିଭାଗୀୟ ଅଧିକାରୀଙ୍କ ଏକ ୧୩ଜଣିଆ ପ୍ରତିନିଧି ଦଳ ରାଉରକେଲାସ୍ଥିତ ଶ୍ରୀକ୍ଷେତ୍ର ମସଲା ଓ ଗୃହସ୍ଥି ମସଲା ପରିଦର୍ଶନ କରିଥିଲେ। ପୂର୍ବରୁ ଝାରସୁଗୁଡ଼ାଠାରେ ଅନୁଷ୍ଠିତ କ୍ରେତାବିକ୍ରେତା ବୈଠକରେ ଗୃହୀତ ନିଷ୍ପତ୍ତିକ୍ରମେ ପ୍ରତିନିଧି ଦଳ ମସଲା ଉଦ୍ୟୋଗ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ କଞ୍ଚାମାଲର ମାନ, ସଂରକ୍ଷଣ, ପ୍ରକ୍ରିୟାକରଣ ସମ୍ପର୍କରେ ଉଭୟ ମସଲା ଉଦ୍ୟୋଗର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଓର୍ମାସ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ସହକାରୀ ଉଦ୍ୟାନ ଅଧିକାରୀ ମୌସୁମୀ ସରପଡିଆ ଓ ରାଜ କୁମାର ସେଠୀ, ଡିଏମ୍ଏଫ୍‌ର ଟେକ୍‌ନିକାଲ ମ୍ୟାନେଜର (ଏଗ୍ରି କନଭର୍ଜେନ୍ସ) ଜି.ସି. ମହାପାତ୍ର, ସେୱା ଅନୁଷ୍ଠାନର ଆଶୁତୋଷ ଗଡ଼ନାୟକ ଯୋଗଦେଇଥିଲେ।

# ଦଳୀୟ ରଣନୀତି, ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ


ଶନିବାର ସମ୍ବଲପୁର ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକରେ ବିଧାୟକ ଜୟନାରାୟଣ ମିଶ୍ର ନୂତନ ପଦାଧିକାରୀମାନଙ୍କୁ ସ୍ୱାଗତ କରୁଛନ୍ତି ।

**ସମ୍ବଲପୁର,୨୦।୩ (ବ୍ୟୁରୋ)**

**ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ**

ସମ୍ବଲପୁର ଜିଲା ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରୀଶ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାଏକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ସବିତା ନନ୍ଦ, ବୃନ୍ଦାବନ ମାଝି, ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନେତୃବୃନ୍ଦ ଜିଲାରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସବୁ କ୍ଷେତ୍ରରେ ଲୋକମାନଙ୍କ ସହ ଜଡିତ ହୋଇ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶିଳ୍ପାନୁଷ୍ଠାନ ଓ କଳକାରଖାନା ରହିଥିଲେ ମଧ୍ୟ ସ୍ଥାନୀୟ ଯୁବତୀଯୁବକଙ୍କୁ ରୋଜଗାର ଦିଆଯାଉ ନାହିଁ। ନାରୀ ନିର୍ଯାତନା ସହ ବିଭିନ୍ନ ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଏହାକୁ ନେଇ ଦଳ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଆପଣେଇବ। ପଞ୍ଚାୟତ ଓ ମହାନଗର ନିଗମ ନିର୍ବାଚନ ପାଖେଇ ଆସୁଥିବାରୁ ଦଳୀୟ କର୍ମକର୍ତ୍ତା ଏକଜୁଟ ହୋଇ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ସୁଷମା ସାହୁ, ସମ୍ପାଦିକା ରୁନୁ ପ୍ରଧାନ, ଭାବନୀ ଧୁଷର, ଯୁବମୋର୍ଚ୍ଚାର ଅଶ୍ୱିନୀ ମାଝି, ଏସ୍‌ସି ମୋର୍ଚ୍ଚାର ନୀଳାମ୍ବର ସିକନ୍ଦର, ଏସ୍‌ଟି ମୋର୍ଚ୍ଚା ଧ୍ରୁବରାଜ କିଷାନ, ଓବିସି ସେଲ୍ ରମେଶ ପ୍ରଧାନ, ସଂଖ୍ୟାଲଘୁ ମୋର୍ଚ୍ଚାର ମହମ୍ମଦ ଫିରୋଜ ଖାନ, କିଷାନ ମୋର୍ଚ୍ଚାର ସମୀର ରଞ୍ଜନ ବାବୁ, ଜିଲା ମିଡିଆ ପ୍ରଭାରୀ ସଞ୍ଜୟ କୁମାର ଷଡଙ୍ଗୀଙ୍କୁ ସ୍ୱାଗତ କରାଯାଇଥିଲା।

# ବ୍ରହ୍ମା କୁମାରୀ ଆଶ୍ରମରେ ଆନ୍ତର୍ଜାତୀୟ ଖୁସି ଦିବସ

**ଝାରସୁଗୁଡ଼ା ଅଫିସ୍,୨୦।୩**



ଅତିଥିଙ୍କ ଗହଣରେ କୁନି କଳାକାରମାନେ ।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଇବ୍‌ଥର୍ମାଲ ଶାଖା ତରଫରୁ ଶାଖା ପ୍ରମୁଖ ରାଜଯୋଗିନୀ ବିକେ ବିନ୍ଦୁଙ୍କ ଅଧ୍ୟକ୍ଷତାରେ ଶନିବାର ଆନ୍ତର୍ଜାତୀୟ ଖୁସି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଇବ୍‌ଥର୍ମାଲ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା.ବିଜୟଲାଲ ବିଶ୍ୱାଳ, ସମ୍ମାନିତ ଅତିଥି ଡା.ଗିରିଶ ଚନ୍ଦ୍ର ବାରିକ, ବିକେ ବୁଦ୍ଧଦେବ ପ୍ରମୁଖ ଯୋଗଦେଇଥିଲେ। ବି.କେ. ସୁଦର୍ଶନ ମଞ୍ଚ ସଞ୍ଚାଳନ କରିଥିଲେ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ମଣିଷ ସର୍ବଦା ଖୁସି ରହିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। ଶାଖାର ପ୍ରମୁଖ ବିନ୍ଦୁ ଭଉଣୀ ଆମେ ଆତ୍ମନିଶ୍ଚୟ କରି ପରମାତ୍ମାଙ୍କ ସ୍ମୃତିରେ ରହି କାର୍ଯ୍ୟକଲେ ଖୁସି ଅନୁଭବ କରିବା କହିଥିଲେ। ଏହି ଅବସରରେ ବନ୍ଧବାହାଲ ପୋଷ୍ଟଅଫିସ କର୍ମଚାରୀ ରୁଦ୍ର ପ୍ରସାଦ ବେହେରା ଓ ସାମାଜିକ କର୍ମୀ ଇନ୍ଦ୍ର ପ୍ରଧାନଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସୁରଭି ବେହେରାଙ୍କ ନିର୍ଦ୍ଦେଶନାରେ କୁନି ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସିଆର୍‌ପିଏଫ୍‌ର ୮୨ତମ ସ୍ଥାପନା ଦିବସ

**ସମ୍ବଲପୁର, ୨୦।୩(ବ୍ୟୁରୋ)**

କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ୮୨ତମ ସ୍ଥାପନା ଦିବସ ଶୁକ୍ରବାର ସମ୍ବଲପୁରରେ ଥିବା ୧୨ ବାଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପରେ ଅନୁଷ୍ଠିତ ହୋଇଯାଇଛି। ମହାନିର୍ଦ୍ଦେଶକ କୁଳଦୀପ ସିଂ, ଓଡ଼ିଶା ସେକ୍ଟର ମହାନିର୍ଦ୍ଦେଶକ ଏସ୍.କେ. ମହାନ୍ତି ଉପସ୍ଥିତ ଥିଲେ। ପ୍ରଥମେ ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାଷଣ ପ୍ରସଙ୍ଗରେ ମହାନିର୍ଦ୍ଦେଶକ କହିଥିଲେ, ସିଆର୍‌ପିଏଫ୍ ଦେଶର ଏକତା ଓ ଅଖଣ୍ଡତା ପାଇଁ ସବୁବେଳେ କାର୍ଯ୍ୟକରି ଆସୁଛି। ମାଓବାଦୀ ଅଞ୍ଚଳ ହେଉ ଅବା ଆତଙ୍କବାଦ ଦମନ, ଆଇନଶୃଙ୍ଖଳା ରକ୍ଷା ଦିଗରେ ସେମାନେ ସେବା ଯୋଗାଇଆସୁଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଜୟଦୁର୍ଗା ବିଜୟୀ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**

ଚାରଭାଟି ନେତାଜୀ ଯୁବକ ସଂଘ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ହାୱା ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଚାରଭାଟି ବନାମ ଜୟଦୁର୍ଗା ମଧ୍ୟରେ ହୋଇଥିଲା। ଏଥିରେ ଜୟଦୁର୍ଗା ୨-୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଓଡ଼ିଶା ଆଦିବାସୀ ଦଳିତ ସେନା ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ମୁଖ୍ୟଅତିଥି, ସନ୍ଦୀପ କୁମାର ଲୁହା ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ।

# ବିଦ୍ୟୁତ୍ ବିଲ୍ ସଂଗ୍ରହ ବେଳେ ଉତ୍ତେଜନା

**ସମ୍ବଲପୁର,୨୦।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବଡବଜାରରେ ଶନିବାର ବିଦ୍ୟୁତ୍ ବିଲ୍ ସଂଗ୍ରହ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମଚାରୀମାନେ ମାର୍ଚ୍ଚ ମାସର ବକେୟା ଟଙ୍କା ମାଗିବା ସମୟରେ ଉପଭୋକ୍ତାଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଗ୍ରାହକମାନେ ରାସ୍ତା ଉପରେ ଧାରଣାରେ ବସିଥିଲେ। ସେମାନେ ଦର୍ଶାଇଥିଲେ, ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଅଧିକ ବିଲ୍ ହୋଇଛି। ଏହାକୁ ପ୍ରଥମେ ସଂଶୋଧନ କରି ପରେ ଏରିଅର ଟଙ୍କା ମଗାଯାଉ ବୋଲି ଦାବି କରିଥିଲେ। ପରେ ବିଭାଗୀୟ କର୍ମଚାରୀ ପହଞ୍ଚି ଆଲୋଚନା କରିଥିଲେ। ମୋଟ ଏରିଅର ଟଙ୍କାରୁ କିଛି ଟଙ୍କା ଦେବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ୩୦ ଜିଲାରେ ଗାନ୍ଧୀଙ୍କ ଓଡ଼ିଶା ନାଟକ ମଞ୍ଚସ୍ଥ ହେବ

**ସମ୍ବଲପୁର, ୨୦।୩ (ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତମାସ ୨୩ ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ ୩୦ ଜିଲାରେ ୩୦ ନାଟ୍ୟ ଦଳ ଗାନ୍ଧୀଙ୍କ ଓଡ଼ିଶା ନାଟକ ମଞ୍ଚସ୍ଥ କରିବେ। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ନାଟକ ପରିବେଷଣ କରିବା ଲାଗି ଓଡିଶାର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଶ୍ରୀ କଲଚରାଲ୍ ଆସୋସିଏଶନ ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ଗାନ୍ଧୀଙ୍କ ଓଡ଼ିଶା ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ ଶଙ୍କର ତ୍ରିପାଠୀ ରଚନା କରିଥିବାବେଳେ ଦିଲୀପ ଦେବ ଓ ଆଶିଷ ସୋନାର ନିର୍ଦ୍ଦେଶନାରେ ସହଯୋଗ କରିଥିଲେ। ସୌମ୍ୟଜିତ ବଡପଣ୍ଡା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବରପାଲି, ସମ୍ବଲପୁର, ଭୁବନେଶ୍ୱର ଅଞ୍ଚଳର ୩୦ ଜଣ କଳାକାର ଏଥିରେ ଅଭିନୟ କରିବେ। ଶନିବାର ସମ୍ବଲପୁର ସୋସିଆଲ ଷ୍ଟାର କ୍ଲବ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା, ଡ. ବିଜୟ କୁମାର ପ୍ରଧାନ ଓ ସମ୍ବଲପୁର କଳା ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା ଏହି ସୂଚନା ଦେଇଛନ୍ତି।


इंडियन बैंक Indian Bank
इलाहाबाद ALLAHABAD

**ବାପୁଜୀ ନଗର ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

**ଡ଼ିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ତା.୧୨.୦୩.୨୦୨୧ରିଖ**ରେ ରେଜିଷ୍ଟ୍ରେଡ ପୋଷ୍ଟ ମାଧମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :
**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା : ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ, ଓଡ଼ିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା)**, ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ **(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/ ୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ ।

**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**

ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।

ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତି ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।

ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ ।

**ସୂଚୀ**

ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :
**ବନ୍ଧକଥିବା ସମ୍ପତ୍ତି : ଶ୍ରୀ ପଞ୍ଚାନନ ପଟ୍ଟନାୟକ**, ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ'**, ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅବିଭାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୪୦ (ଢମଣା)**, ଡିଏସ୍ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି : ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ - ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।
**ଆୟତାଧିନ ସମ୍ପତ୍ତି :** ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍‌ଟ୍ସ ବ୍ୟାଙ୍କର ଆୟତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୧ ମାର୍ଚ୍ଚ, ୨୦୨୧

## ଗାଡି ଧକ୍କାରେ ଗଲା ଜଣଙ୍କ ଜୀବନ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଗଡଦ୍ୱାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି । ମୃତକ ହେଲେ ହୃଷିକେଶ ଓରଫ ଲେକୁ ଭୋଇ (୫୨)। ଶୁକ୍ରବାର ରାତିରେ ସେ ଘରକୁ ଫେରୁଥିବାବେଳେ ତୁଷୁରା ଛକ ନିକଟ ରେଳଫାଟକରୁ ପ୍ରାୟ ୮ଶହ ମିଟର ଦୂରରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ହିଁ ଲେକୁଙ୍କ ମୃତ୍ୟୁ ହୋଇଯାଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଥିଲା। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି । ଦୁର୍ଘଟଣାଗ୍ରସ୍ତ ବାଇକ(ନଂ.ଓଡି୦୩ଜି୫୦୮୭)କୁ ପୋଲିସ ଜବତ କରିଛି।



## ସଂକ୍ଷେପରେ

### ୬ ଛାତ୍ରୀଛାତ୍ରଙ୍କ ସ୍ୱାବ୍ ନମୁନା ପଜିଟିଭ

ବିନିକା,୨୦ା୩(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଏକ ଜୁନିୟର କଲେଜର ୬ଜଣ ବିଦ୍ୟାର୍ଥୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଟିମ୍‌ର ସୂଚନା ମତେ କଲେଜ ଖୋଲିବା ପରେ ଉକ୍ତ ଶିକ୍ଷାନୁଷ୍ଠାନର ୫୦ବିଦ୍ୟାର୍ଥୀଙ୍କ ଆର୍ଟିପିସିଆର୍ ଓ ୪୦ଜଣଙ୍କ ଆଣ୍ଟିଜେନ ପରୀକ୍ଷଣ କରାଯାଇଥିଲା। ମୋଟ୍ ୯୦ ଛାତ୍ରୀଛାତ୍ରଙ୍କ ସ୍ୱାବ ନମୁନାରୁ ୬ଛାତ୍ରୀଛାତ୍ରଙ୍କ କରୋନା ପଜିଟିଭ ଚିହ୍ନଟ ହୋଇଛି। ତେବେ ମେଡିକାଲ ତରଫରୁ ସେମାନଙ୍କୁ ଏଯାଏ କୌଣସି ରିପୋର୍ଟ ହସ୍ତଗତ ହୋଇ ନ ଥିବା କହିଛନ୍ତି କଲେଜ କର୍ତ୍ତୃପକ୍ଷ ।

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ: ୧୮୫ ୟୁନିଟ୍ ରକ୍ତ ସଂଗ୍ରହ

ବିନିକା,୨୦ା୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ଶନିବାର ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ଆହ୍ୱାନକ୍ରମେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ମୋ ପରିବାର, ବିନିକା ବିଜୁ ଜନତା ଦଳ ଯୁବନେତା ଓ ଛାତ୍ରନେତାଙ୍କ ଆୟୋଜନରେ ଶିବିର ଆୟୋଜିତ ହୋଇଥିଲା। ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ କୁମାର ରଥ ଶିବିରର ପରିଚାଳନା କରିଥିଲେ। ଶନିବାର ସକାଳ ୯ଟାରୁ ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀ ଓ ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ମୋଟ ୧୮୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥିଭାବେ ଜିଲା ଯୁବ ବିଜେଡି ସଭାପତି ନନ୍ଦ, ଅଚ୍ୟୁତ୍ କଣ୍ଟା, ବିନିକା ବ୍ଲକ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ , ବିଜେଡି ନେତା ଦ୍ୱାରିକାନାଥ ସାହୁ, ମନୋଜ ସାହୁ, ଆଶିଷ ରଞ୍ଜନ ଦାଶ, ଗଣ୍ଡାରାମ ଭୋଇ, ଗୋପାଳ ବାଘ, ସଦାନନ୍ଦ ଥନାପତି, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟ ଜୁନିୟର କବାଡି ଦଳରେ ବଲାଙ୍ଗୀରର ଦେବକାନ୍ତ କଦମ

ବଲାଙ୍ଗୀର ଅଫିସ, ୨୦ା୩: ଓଡିଶା ରାଜ୍ୟ କବାଡି ଦଳରେ ସ୍ଥାନ ପାଇଛନ୍ତି ବଲାଙ୍ଗୀର ଜିଲାର ଦେବକାନ୍ତ କଦମ



। ଆସନ୍ତା ମାର୍ଚ୍ଚ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ତେଲାଙ୍ଗାନା ସୂର୍ଯ୍ୟାପେଟ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୪୭ତମ ଜାତୀୟ କନିଷ୍ଠ କବାଡି ପ୍ରତିଯୋଗିତାରେ ଦେବକାନ୍ତ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବେ । ବଲାଙ୍ଗୀର ଜିଲା ପାଟଣାଗଡ ସହର ବଡପଡାର ବିଭୁଭୂଷଣ କଦମ ଓ ବିଜୟ ଲକ୍ଷ୍ମୀ କଦମଙ୍କ ସୁପୁତ୍ର ଦେବାକନ୍ତ ଏହା ପୂର୍ବରୁ ସେ ୫ ଥର ରାଜ୍ୟ ଦଳ ତରଫରୁ ଖେଳିଛନ୍ତି । ରାଜ୍ୟ ଦଳରେ ତାଙ୍କର ଚୟନ ପାଇଁ ଜିଲା କ୍ରୀଡା ସଂସଦ ତରଫରୁ କାର୍ଯ୍ୟକରୀ ସଭାପତି ଡ ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, କବାଡି ସମ୍ପାଦକ ବିଭୁତି ଭୂଷଣ ପଣ୍ଡା ତଥା ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଲୁଟେରାଙ୍କ ଟେର୍ ପାଉନି ପୋଲିସ

ସୋନପୁର,୨୦ା୩(ନି.ପ୍ର.)

**ବନ୍ଧୁକ ମୁନରେ ୨୧ ଲକ୍ଷ ଲୁଟ୍ ଘଟଣା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଘଲପୁର-ବିଶିପଡା ରାସ୍ତାରେ ବୁଧବାର ପୂର୍ବାହ୍ନରେ ବନ୍ଧୁକ ମୁନରେ ୬ ଦୁର୍ବୃତ୍ତ ୨୧ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଇତିମଧ୍ୟରେ ୩ ଦିନ ବିତି ଗଲାଣି। କିନ୍ତୁ ଟଙ୍କା ଉଦ୍ଧାର ହେବା ଦୂରର କଥା ଲୁଟେରାଙ୍କ ଟେର୍ ପାଉନି ପୋଲିସ। ଲୁଟ୍ ହେବା ସୂଚନା ପାଇବା ପରଠାରୁ ଜିଲାର ସମସ୍ତ ରାସ୍ତାକୁ ସିଲ୍ କରି ପୋଲିସ ଯାନବାହାନ ତନଖି କରିଥିଲା। କିନ୍ତୁ ଲୁଟେରା ଟଙ୍କା ବ୍ୟାଗ୍ ସହ ଖସି ଯିବାରେ ସକ୍ଷମ ହୋଇଛନ୍ତି। ଲୁଟେରାମାନେ ଘଟଣାସ୍ଥଳରେ ଛାଡି ଯାଇଥିବା ଏକ ନମ୍ବର ବିହୀନ ହିରୋ ପେସନ ବାଇକ୍‌ର ଇଞ୍ଜିନ୍ ଓ ଚେସିସ ନମ୍ବରକୁ ଆଧାର କରି ବାଇକ୍‌ଟି କାହାର, କିଏ ଗାଡିର ମାଲିକ ପୋଲିସ ଖୋଳତାଡ ଆରମ୍ଭ କରିଛି।

ବୁଧବାର ପୂର୍ବାହ୍ନରେ ଠିକା ସଂସ୍ଥା ରାଇଟର ସେଫ୍ ଗାର୍ଡର ଏକ୍‌ଜିକ୍ୟୁଟିଭ୍ ଏଟିଏମଓ ସୁଧାଂଶୁ ପଧାନ ଓ ସୁନିଲ ମହାରଣା ୨ଟି ବାଇକ୍‌ରେ ୨୧ ଲକ୍ଷ ଟଙ୍କା ନେଇ ସୋନପୁରରୁ ଉଲୁଣ୍ଡା ଅଭିମୁଖେ ଯାଉଥିଲେ । ଏହି ଟଙ୍କା ଉଲୁଣ୍ଡା ବ୍ୟାଙ୍କ୍ ଅଫ୍ ବରୋଦା ଏଟିଏମ୍‌ରେ ଭର୍ତ୍ତି ହେବାର ଥିଲା । ତେବେ ଭାଗଲପୁର ଗାଁ ନିକଟରେ ସମ୍ମୁଖ ପଟୁ ୬ ଜଣ ଲୁଟେରା ତିନୋଟି ବାଇକ୍‌ରେ ଆସି ବାଇକ୍‌ରେ ଯାଉଥିବା ସୋନପୁର ବ୍ଲକ ଛକ ଅଞ୍ଚଳର ସୁଧାଂଶୁଙ୍କୁ ଧକ୍କା ଦେଇ ଗାଡିରୁ ତଳେ ପକାଇ ଦେଇଥିଲେ। ପରେ ଟଙ୍କା ବ୍ୟାଗ୍‌କୁ ଛୁରୀରେ କାଟି ୧୧ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସେହିପରି ପଛରେ ଆସୁଥିବା ଘୋଡାଘାଟପଡାର ସୁନିଲଙ୍କୁ ମଧ୍ୟ ଲୁଟେରାମାନେ ବନ୍ଧୁକ ଦେଖାଇ ତାଙ୍କ ବ୍ୟାଗରେ ଥିବା ୧୦ ଲକ୍ଷ ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ଦୁଇଟି ବାଇକ୍‌ରେ ବୀରମହାରାଜପୁର ରାସ୍ତାରେ ଫେରାର ହୋଇ ଯାଇଥିବା ବେଳେ ଗୋଟିଏ ଛାଡି ଯାଇଥିଲେ। ସୁଧାଂଶୁଙ୍କ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ଏହି ଲୁଟ୍ ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ନାନା ଆଲୋଚନା ହେଉଛି। ଅସୁରକ୍ଷିତ ଭାବେ ବାଇକ୍‌ରେ ଟଙ୍କା ନେଇ ବିଭିନ୍ନ ଏଟିଏମ୍‌ରେ ଭରିବା ଘଟଣାକୁ ନେଇ ନାନା ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ବୀରମହାରାଜପୁର ଥାନା ଅଧିକାରୀ ପ୍ରଭା ଧନଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି କହିଛନ୍ତି ।

# ଜଙ୍ଗଲ ସୁରକ୍ଷା ଲାଗି ସଙ୍ଗଠିତ ଉଦ୍ୟମ ଲୋଡ଼ା




ମଞ୍ଚାସୀନ ଅତିଥିମାନେ।

ଖପ୍ରାଖୋଲ, ୨୦ା୩(ଡି.ଏନ.ଏ)

**ହରିଶଙ୍କରରେ ଜଙ୍ଗଲ ନିଆଁ ନିରୋଧ ସଚେତନତା କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବଙ୍ଗଳାଠାରେ ଏଫ୍‌ଇଏସ୍ ଭୁବନେଶ୍ୱର, ଆର୍‌ସିଡିସି ଜଙ୍ଗଲ ବିଭାଗ ଏବଂ ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ନିଆଁ ନିରୋଧ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ହରିଶଙ୍କର ରେଞ୍ଜର ଶ୍ରୀବସ୍ତ କୁମୁରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଡିଏଫ୍‌ଓ ସମୀର କୁମାର ଶତପଥୀ, ସମ୍ମାନିତ ଅତିଥି ଆରସିଡିସି ଆର.ଏମ୍ ଶମ୍ଭୁ ସାହୁ, ବ୍ଲକ ପ୍ରାଣୀ ଅଧିକାରୀ ଡା. ସୁଜିତ କୁମାର ଶତପଥୀ, ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ପରିବେଶବିତ୍ ଅଭୟ ତ୍ରିପାଠୀ, ମୋହନ ସୁନା, ଜଙ୍ଗଲ ଜୀବନ ଅଭିଯାନ ସଦସ୍ୟ ବୀରେନ୍ଦ୍ର ଝାଙ୍କର, ଯୁବକବି ଅର୍ଜୁନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ହରିଶଙ୍କର ରେଞ୍ଜ ଅଞ୍ଚଳର ବିଭିନ୍ନ ଗାଁରୁ ବନ ସୁରକ୍ଷା ସମିତିର ସଦସ୍ୟମାନେ ନିଜ ବକ୍ତବ୍ୟ ରଖିଥିଲେ। ଚଳିତ ବର୍ଷ ଜଙ୍ଗଲରେ ନିଆଁ ଅନ୍ୟବର୍ଷ ତୁଳନାରେ ଅଧିକ ଲାଗୁଥିବାରୁ ତାକୁ ଆୟତ୍ତ ପାଇଁ ସଙ୍ଗଠିତ ଉଦ୍ୟମ କରିବାକୁ ଡିଏଫ୍‌ଓ ଶତପଥୀ ଆହ୍ୱାନ ଦେଇଥିଲେ । ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ କରିବା ସହ ଅସାମାଜିକ ବ୍ୟକ୍ତି ନିଆଁ ଲଗାଉଥିଲେ ସୂଚନା ଦେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରିୟବ୍ରତ ମହାକୁଡ, ପିଙ୍କୁ ଭୋଇ, ଡିଲେଶ୍ୱର ହୋତା, ସୁନ୍ଦର କାଲସାଏ, ଡୋଳାମଣି ସାହୁ, ଅରୁଣ ସାହୁ, ସରୋଜ ପାଣିଗ୍ରାହୀ, ନୃପ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୦ା୩

ବଲାଙ୍ଗୀର ବନାଞ୍ଚଳ ଅନ୍ତର୍ଗତ ବୈଦିପାଲିଠାରେ ଶନିବାର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଜଙ୍ଗଲ ନିଆଁ ସଚେତନା କାର୍ଯ୍ୟକ୍ରମ କରାଯାଇଥିଲା। ଅଭିଯାନ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ଆବାହକ ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ବୈଦିପାଲି ବନ ସୁରକ୍ଷା ସମିତି ସଭାପତି ସନ୍ତୋଷ କୁମାର ସାହୁ, ମାହେଶ୍ୱରୀ ସଙ୍ଗଠନ ସଭାପତି ଅଙ୍କୁଶ ପାଣ୍ଡିଆ, ଜିଲା ରେଡକ୍ରସ ସଦସ୍ୟ ରାମନାରାୟଣ ଦାଶ, ଜିଲା ଜଙ୍ଗଲ ଫୋରମ ଆବାହକ କୁଳମଣି ସାହୁ, ସମ୍ପାଦକ ସୋମନାଥ ପଟେଲ ଓ ଫରେଷ୍ଟଗାର୍ଡ ଅଶୋକ ସେଠ ମଞ୍ଚସୀନ ଥିଲେ। ଜଙ୍ଗଲକୁ ନିଅଶ ଦାଉରୁ ରକ୍ଷା କରିବା ପାଇଁ ସମସ୍ତ ବକ୍ତା ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ବହୁ ମହିଳା ଓ ପୁରୁଷଙ୍କୁ ପ୍ରଶାନ୍ତ ମହାକୁର ଶପଥ ପାଠ କରାଇଥିଲେ । ଯୁବକବି ଅର୍ଜୁନ ସାହୁ ଜଙ୍ଗଲ ସୁରକ୍ଷାକୁ ନେଇ ଏକ ସଚେତନତା ମୂଳକ କୋଶଲୀ କବିତା ପାଠ କରିଥିଲେ। ଶେଷରେ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ସୁନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ଓ ମଞ୍ଚାସୀନ ଅତିଥି।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ

କୋକସରା,୨୦ା୩(ଡି.ଏନ.ଏ.)

ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଟଙ୍କଧର ପୂଝାରିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଆମପାଣି ପୋଲିସ କୋକସରା ବ୍ଲକ ବଡ଼କେନ୍ଦୁଗୁଡା ଗାଁର ଚନ୍ଦ୍ରା ପୁଝାରି(୩୦)ଙ୍କ ମୃତଦେହ ଶୋଇବା କୋଠରିରୁ ଜବତ କରିଥିଲା। ପାରିବାରକ କଳହକୁ ନେଇ ମହିଳା ଜଣକ ବେକରେ ଶାଢ଼ି ଗୁଡାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଥିଲା । କିନ୍ତୁ ମୃତାଙ୍କ ବାପା ଶଶୀ ଭୂଷଣ ମାଝୀ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋକସରା ହସ୍ପିଟାଲ ପଠାଇଥିଲା। ପରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରା ଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଟଙ୍କଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗି ପ୍ରକାଶ କରିଛନ୍ତି ।

## ଜରାସିଂହା ଡିଗ୍ରୀ କଲେଜ ଆଲୁମ୍ନି ଆସୋସିଏଶନ ଗଠିତ




ଶାଶ୍ୱତ ଡିଗ୍ରୀ କଲେଜ ଆଲୁମ୍ନି ଆସୋସିଏଶନର ସଦସ୍ୟ ବୃନ୍ଦ।

ଦେଓଗାଁ, ୨୦ା୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଶୁକ୍ରବାର ଆଲୁମ୍ନି ଆସୋସିଏସନ ଗଠନ କରାଯାଇଛି । କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ନୀଳକଣ୍ଠ ନାୟକ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ, ସକ୍ରୀୟ ସଭ୍ୟଭାବେ ମମତା ସିଂ ନିନା, ଭାରତୀ ଦଣ୍ଡସେନା, ନିତ୍ୟାନନ୍ଦ ଷଡଙ୍ଗୀ, ଗୋବର୍ଦ୍ଧନ ଛତ୍ରିଆ ଓ ଜିତେନ୍ଦ୍ର ତ୍ରିପାଠୀ ମନୋନୀତ ହୋଇଥିଲେ । ପୁରାତନ ଛାତ୍ର ମଣ୍ଟୁ ସାମଲ, ନିତ୍ୟାନନ୍ଦ ଷଡଙ୍ଗୀ ଓ ପ୍ରଦୀପ ତ୍ରିପାଠୀ କଲେଜର ସ୍ମୃତି ବଖାଣିଥିଲେ । ଅଧ୍ୟାପକ ବିଷ୍ଣୁଚରଣ ସାହୁ, ଅଧ୍ୟାପିକା ବିନ୍ଦୁସାଗର ବେହେରା, ସଙ୍ଗୀତା ପଧାନ, ଅଧ୍ୟାପକ ଜଗଦୀଶ ସିଂ ବାବୁ, ଖୁସୀରାମ କଠାର ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଆଲୁମିନି ଆସୋସିଏଶନର ସଂଯୋଜକ ବ୍ୟାସଦେବ ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଜଙ୍ଗଲ ନିଆଁ ପ୍ରଶମନ ପାଇଁ ସମନ୍ୱୟ ଜରୁରୀ'

ସଇଁତଲା,୨୦ା୩(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା ବନାଞ୍ଚଳ ପକ୍ଷରୁ କେରମେଲି ଗାଁ ନର୍ସରୀଠାରେ ଶୁକ୍ରବାର ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଫୋରମ୍ ଆବାହକ କୁଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସମୀର ଶତପଥୀ ଯୋଗ ଦେଇଥିଲେ । ବନ ସୁରକ୍ଷା ସମିତି ସଭାପତି ତଥା ସମିତି ସଭ୍ୟ ସୁବାସ ବୁଡେକ, ଫୋରମ୍ ସମ୍ପାଦକ ସୋମନାଥ ପଟେଲ, ବୀରେନ୍ଦ୍ର କୁମାର ଝାଙ୍କର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବନାଞ୍ଚଳ ଅଧିକାରୀ ରାଜକିଶୋର ହରପାଲ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି, ସମ୍ପାଦକ ଓ ପ୍ରତିନିଧିମାନେ ଏଥିରେ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ । ଜଙ୍ଗଲ ନିଆଁର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ । ଜଙ୍ଗଲ ବିଭାଗ, ବନ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଥିବା କହିଥିଲେ । ମହୁଲ ସଂଗ୍ରହ, କେନ୍ଦୁପତ୍ର ଗୋଛାକଟା ଓ ଅନ୍ୟାନ୍ୟ କାରଣରୁ କିଭଳି ଜଙ୍ଗଲରେ ନିଆଁ ଲାଗୁଛି ସେ ନେଇ ଆଲୋଚନା ହୋଇଥିଲା । ଜଙ୍ଗଲ ନିଆଁକୁ ନେଇ କିଭଳି ସଚେତନତା ସୃଷ୍ଟି କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା । ମୁଖ୍ୟଅତିଥି ଡିଏଫ୍‌ଓ ଶତପଥୀ ତାଙ୍କ ବକ୍ତବ୍ୟରେ ଉପଯୁକ୍ତ ସମନ୍ୱୟ ଓ ଜନସହଭାଗିତାରେ ଆମେ ଜଙ୍ଗଲ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିପାରିବା ବୋଲି କହିଥିଲେ । ଜଙ୍ଗଲ ସୁରକ୍ଷା ଫୋରମ୍ ସମ୍ପାଦକ ପଟେଲ ତାଙ୍କ ବନ ସୁରକ୍ଷା ସମିତିର କ୍ଷମତା ଓ କାର୍ଯ୍ୟପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସଭାପତି ବୁଡେକ୍ ଜଙ୍ଗଲ ନିଆଁକୁ ରୋକିବା ଦିଗରେ ଜନସାଧାରଣ, ବନ ସୁରକ୍ଷା ସମିତି ତଥା ବନବିଭାଗର ଅବହେଳାକୁ ଦାୟୀ କରିଥିଲେ । ସଭାରେ ବନ ସୁରକ୍ଷା ସମିତି ସଭାପତି ସିଂଘା ମାଝି, ହରିଶ୍ଚନ୍ଦ୍ର ସାହୁ, ଏସ. ଭୁଏ, ଶତ୍ରୁଘ୍ନ ମାଝି, ଭ୍ରମର ସାହୁ, ନିଳେନ୍ଦ୍ରୀ ଭୋଇ ପ୍ରମୁଖ ମତ ରଖିଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସମସ୍ତେ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଦୁର୍ଗା ବାହିନୀ ଗଠିତ

ଖରିଆର ରୋଡ,୨୦ା୩ (ଡି.ଏନ.ଏ)

ନୂଆପଡା ଜିଲା ଖରିଆର ରୋଡ୍ ସାର୍ବଜନୀନ ଧର୍ମଶାଳାଠାରେ ଗତ ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅନୁଷ୍ଠିତ ସଭାରେ ଏକ ନୂତନ କମିଟି ଗଠନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ସଙ୍ଗଠକ ଶରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଳାହାଣ୍ଡି ବିଭାଗ ବଜରଙ୍ଗ ଦଳ ପ୍ରମୁଖ ସତ୍ୟ ଭାଇ ଥନାପତି, ସାମାଜିକ କାର୍ଯ୍ୟକର୍ତ୍ତା ପ୍ରମିଳା ଶର୍ମା ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ସଭାରେ ଦୁର୍ଗା ବାହିନୀ ନାମକ ଏକ ସଙ୍ଗଠନ କରାଯାଇ ଶ୍ରୁତି ବାଜପେୟୀଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା। ବଜରଙ୍ଗ ଦଳ ଜିଲା ସଂଯୋଜକ ଉଜ୍ଜ୍ୱଳ ତିୱାରି, ବଜରଙ୍ଗ ଦଳର କିଶୋର କାଳିଆ, ରାକେଶ ଶର୍ମା, ଶ୍ୟାମ କେଶରବାନୀ, ଅଶୋକ ଗୁପ୍ତା, ମିନୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୩ରେ ମଞ୍ଚସ୍ଥ ହେବ ନାଟକ ଗାନ୍ଧୀଙ୍କ ଓଡ଼ିଶା

ବଲାଙ୍ଗୀର ଅଫିସ, ୨୦ା୩

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡିଶା ଆଗମନର ଏକଶତବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଆନୁକୂଲ୍ୟରେ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ବ୍ୟବସ୍ଥାପନାରେ ଆସନ୍ତା ୨୩ ତାରିଖ ଏକ ନାଟକ 'ଗାନ୍ଧୀଙ୍କ ଓଡିଶା' ମଞ୍ଚସ୍ଥ ହେବ । ଚିତ୍ର, ସଙ୍ଗୀତ, ନୃତ୍ୟ ଓ ନାଟକ ଶିକ୍ଷାନୁଷ୍ଠାନ ବଲାଙ୍ଗୀର କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ସମ୍ପର୍କରେ ସୂଚନା ଦିଆଯାଇଛି। ସ୍ଥାନୀୟ ଆଇନ ମହାବିଦ୍ୟାଳୟଠାରେ ୨୩ ମାର୍ଚ୍ଚ ସନ୍ଧ୍ୟା ୭ଟାରେ ଏହି ନାଟକ ପରିବେଷଣ କରାଯିବ। ଗାନ୍ଧୀଙ୍କ ଓଡିଶା ନାଟକ ନିର୍ଦ୍ଦେଶକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କଳାଧାମର ଅଧ୍ୟକ୍ଷ ତଥା ନାଟକର କଳା ଓ ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ କୁମାର ସିଂଦେଓ ତଥା ସଭାପତି ମଧୁସୂଦନ ନାୟକ ସ୍ଥାନୀୟ ତେଲିଗୋଠପଡା ରେଲୱେ ଷ୍ଟେଶନ ରୋଡ ସ୍ଥିତ କଳାଧାମଠାରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ସୂଚନା ଦେଇଥିଲେ। ନାଟକର କଥାବସ୍ତୁ, ବିଭିନ୍ନ ଚରିତ୍ର ଅଭିନୟ କରିଥିବା କଳାକାର ଆଦିଙ୍କ ପରିଚୟ ପ୍ରଦାନ କରାଯାଇଥିଲା।

## ଜିଲାପାଳଙ୍କୁ ୮ ଦଫା ଦାବିପତ୍ର

ମୁରିବାହାଲ, ୨୦ା୩ (ଡି.ଏନ.ଏ)

ଆଶାକର୍ମୀ ସଂଘ ଓ ମୁରିବାହାଲ ସିଏଚ୍‌ସି କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ବଲାଙ୍ଗୀର ଜିଲାପାଳଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ସଭାନେତ୍ରୀ ପୁଷ୍ପଲତା ଧିର ସଭାପତିତ୍ୱ କରିଥିଲେ। ସଂଘ ଜିଲା ସଭାପତି ପ୍ରବୀର କମ୍ପ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶାକର୍ମୀମାନଙ୍କ ନ୍ୟାଯ୍ୟ ଦାବି ଓ ସ୍ଥାୟୀ ନିଯୁକ୍ତି ପ୍ରଦାନ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କନ୍ଦର୍ପ କୁମ୍ଭାର ଯୋଗ ଦେଇଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଂଗ୍ରାମ କେଶରୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦିକା ପୁଷ୍ପା କୁମ୍ଭାର, କୋଷାଧ୍ୟକ୍ଷ ଡାଇ ରଣା, ବାସନ୍ତି ମହାନନ୍ଦ, ମାଳତି ଜାନୀ, ତରୁଲତା ଯୋଶୀ, କୁମୁଦିନୀ ସାହୁ, ମମତା ବୁଡେକ, କ୍ଷୀରକାନ୍ତି ପୁଟେଲ, ଦ୍ରୌପଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଭିଜନ-୨୪ କ୍ରିକେଟ: ଏସ୍‌ଡିସିଏ(ବି) ବିଜୟୀ

ସୋନପୁର,୨୦ା୩(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ଆସୋସିଏଶନ ଅନୁକୂଲ୍ୟରେ ଚାଲିଥିବା ଭିଜନ-୨୪ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଏସଡିସିଏ(ବି) ବିଜୟୀ ହୋଇଛି। ଶନିବାର ଏସଡିସିଏ(ବି) ଓ ଏସଡିସିଏ(ଡି) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସଡିସିଏ(ବି) ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କ୍ୟାପଟେନ୍‌ଙ୍କ ନିଷ୍ପତ୍ତିକୁ ସଠିକ୍ ପ୍ରମାଣିତ କରି ଓପନର ଦ୍ୱୟ ଦୃଢତାର ସହ ବ୍ୟାଟିଂ କରି ୮୩ ରନ ସଂଗ୍ରହ କରିଥିଲେ। ଓପନର ସୁରଜ ମହାପାତ୍ରଙ୍କ ଧୂଆଁଧାର ୧୦୮ ରନ, ସୌରଭ ବେଦବାକ୍ ୫୩ ରନ, ଚନ୍ଦନ ଦାସ ୨୪ ଓ ସୁମନ ମହାରଣାଙ୍କ ୩୭ ରନ ଜରିଆରେ ନିର୍ଦ୍ଧାରିତ ୩୦ ଓଭରରେ ଦଳ ୬ ଉଇକେଟ୍ ହରାଇ ୨୬୭ ରନ ସଂଗ୍ରହ କରିଥିଲେ। ଏସଡିସିଏ(ଡି) ଦଳର ସଞ୍ଜୟ ସାହୁ ଓ ବୁଲୁ ମେହେର ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଏସଡିସିଏ(ଡି) ପକ୍ଷରୁ ଜ୍ୟୋତିରଞ୍ଜନ ପାତ୍ର ୨୩ ରନ, ଏନ.କେ. ଜଏଲ ୧୨ ରନ, ବିଶାନ ଲାଲ ସାଗର ୧୪ ରନ, ବିଶ୍ୱରଞ୍ଜନ ସାଗର ୨୫ ରନ ଓ ବିକାଶ ଗଡତିଆ ୨୩ ରନ ସଂଗ୍ରହ କରିଥିଲେ। ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୩୩ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏସଡିସିଏ ବି ପକ୍ଷରୁ ଲୋକେଶ ସାହୁ ୪ଟି ଓ ରାକେଶ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏସଡିସିଏ(ବି) ଦଳ ଏସଡିସିଏ(ଡି) ଦଳକୁ ୧୩୪ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ମ୍ୟାଚ ପରିଚାଳନା କରିଥିଲେ ଶ୍ରୀବନ୍ତ କୁମାର ନାୟକ ଓ ସିଦ୍ଧାର୍ଥ ମିଶ୍ର। ସ୍କୋରର ଥିଲେ ପାର୍ଥ ଦାସ ଓ ଦିନେଶ ଘିବେଲା। ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ କ୍ଷେତ୍ରବାସୀ ସାହୁ, ସୌମ୍ୟ ପୋଢ, ବି.ସୁଦର୍ଶନ ପାତ୍ର। ରବିବାର ଏସଡିସିଏ(ଏ) ଓ ଏସଡିସିଏ (ଆଇ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ସୁରଜ ମହାପାତ୍ର।

# ନାଏକ ଏକାଡେମୀ, ଖପ୍ରାଖୋଲ ବିଜୟୀ

ବଲାଙ୍ଗୀର ଅଫିସ, ୨୦ା୩

**ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ଓସିଏ ଭିଜନ ୨୦୨୪ର ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦୁଇଟି ମ୍ୟାଚ୍ ଆୟୋଜିତ ହୋଇଥିଲା। ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ମ୍ୟାଚରେ ନାଏକ କ୍ରିକେଟ ଏକାଡେମୀ ବିଜୟ ଲାଭ କରିଥିବାବେଳେ ପାଟଣାଗଡ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଖପ୍ରାଖୋଲ ବିଜୟ ଲାଭ କରିଛି । ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ମ୍ୟାଚ୍ ନାଏକ କ୍ରିକେଟ ଏକାଡେମୀ ଓ ବଙ୍ଗୋମୁଣ୍ଡା ମଧ୍ୟରେ ହୋଇଥିଲା। ବଙ୍ଗୋମୁଣ୍ଡା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୮ରନ୍ କରିଥିଲା । ନାଏକ ଏକାଡେମୀ ତରଫରୁ ସତ୍ୟଜିତ ସିଂଦେଓ ୬ଟି ଓ ଅଙ୍କିତ ପଣ୍ଡା ୨ଟି ଉଇକେଟ ନେଇଥିଲେ। ଜବାବରେ ନାଏକ ଏକାଡେମୀ ମାତ୍ର ୮.୧ ଓଭରେ ୫୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ରାହୁଲ ସାହୁ ୨୧ ରନ୍ ଓ କିଶନ ନାଏକ ଅପରାଜିତ ୧୯ ରନ କରିଥିଲେ। ନାଏକ ଏକାଡେମୀର ସତ୍ୟଜିତ ସିଂଦେଓଙ୍କୁ ଶ୍ରେଷ୍ଠ ବୋଲର ମନୋନୀତ କରାଯାଇଥିଲା । ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ପୃଥ୍ୱୀରାଜ ମିଶ୍ର ଓ ନାରାୟଣ ମେହେର ପରିଚାଳନା କରିଥିଲେ । ପାଟଣାଗଡ ଷ୍ଟାଡିୟମରେ ଲାୟନ୍ସ କ୍ରିକେଟ ଏକାଡେମୀ ଓ ଖପ୍ରାଖୋଲ ମଧ୍ୟରେ ଖେଳ ହୋଇଥିଲା । ଟସ୍ ଜିତି ଖପ୍ରାଖୋଲ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ଉଇକେଟ ବିନିମୟରେ ୩୨୫ରନର ବିଶାଳ ସ୍କୋର କରିଥିଲା । ଦଳ ତରଫରୁ ସଂଗ୍ରାମ ବାହୁକ ସର୍ବାଧିକ ୧୧୬ ଓ ସୁଜିତ ଅପରାଜିତ ୫୯ରନ୍ କରିଥିଲେ। ଲାୟନ୍ସ ଏକଡେମୀ ତରଫରୁ ରୋଶନ ପାଣିଗ୍ରାହୀ ସର୍ବାଧିକ ୪ଟି ଓ ଦେବଦତ୍ତ ମେହେର ୨ଟି ଉଇକେଟ ଅକ୍ତିଆର କରିଥିଲେ । ୩୨୬ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଲାୟନ୍ସ ଏକାଡେମୀ ନିର୍ଦ୍ଧାରିତ ୫୦ ଓଭରେ ୮ ଉଇକେଟ ହରାଇ ମାତ୍ର ୨୧୦ ରନ କରି ପରାଜିତ ହୋଇଥିଲା। ଲାୟନ୍ସ ଏକାଡେମୀ ତରଫରୁ ରୋଶନ ୮୧ ଓ ଶ୍ରେୟଶ କୁଅଁର ୩୩ ରନ କରିଥିଲେ। ଖପ୍ରାଖୋଲ ଦଳ ତରଫରୁ ସଂଗ୍ରାମ ବାହୁକ, ପ୍ରଶାନ୍ତ ସାହୁ ଓ କ୍ଷମାସିନ୍ଧୁ ସାହୁଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା ।



ବିଜୟୀ ନାଏକ ଏକାଡେମୀ ଟିମ୍।

## ସିଡିଭିଓଙ୍କୁ ମାଡ଼ ଘଟଣାରେ ଦୁଇ ଗିରଫ

ବୌଦ୍ଧ (ସ୍ୱପ୍ର): ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ(ସିଡିଭିଓ) ଅମିତାଭ ପଣ୍ଡାଙ୍କୁ ମାଡ ମାରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇ ଗିରଫ ହୋଇଥିବା ଜଣାପଡିଛି । ଗତ ବୁଧବାର ସିଡିଭିଓ ପଣ୍ଡାଙ୍କୁ ଏକ ଗାଇ ପ୍ରସବକୁ ନେଇ ମାଡ ମରାଯାଇଥିଲା । ମାଡ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଠାରୁ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଳୟ ବନ୍ଦ ରହିଛି। ଏହି ଘଟଣାରେ ବୌଦ୍ଧ ପୋଲିସ ଗାଈ ମାଲିକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ମୁଖିଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## ସଂକ୍ଷେପରେ

### ଯୁବତୀ ଅପହରଣ ଘଟଣା, ଜେଲଗଲେ ୨ଅଭିଯୁକ୍ତ

**ତରଭା, ୨୦।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ବହିରାମୁହାଣ ଗ୍ରାମରେ ବିବାହର ଦୁଇଦିନ ପୂର୍ବରୁ ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଇଥିଲା। ଗତ ମାର୍ଚ୍ଚ ୭ତାରିଖ ଅପରାହ୍ନ ୪ଟାରେ ଗାଁର ପ୍ରକାଶ ମନହୀରା, ସନ୍ଦିପ ମନହୀରା, ନୀଳାଞ୍ଚଳ ମନହୀରା, ସାର୍ଥକ ସାହୁଙ୍କ ସମେତ ୧୪ଜଣ ବାଇକ ଓ ବୋଲେରୋରେ ଆସି ଯୁବତୀଙ୍କୁ ତାଙ୍କ ଘରୁ ବଳପୂର୍ବକ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଅପହୃତାଙ୍କ ଭାଉଜ ତରଭା ଥାନାରେ ଏତଲା ଦେଇଥିଲେ । ସେହି ଦିନଠାରୁ ପୋଲିସ ଅଭିଯୁକ୍ତମାନଙ୍କୁ ଖୋଜୁଥିଲା। କିଛିଦିନ ତଳେ ଅଭିଯୁକ୍ତଙ୍କ ଭାଇ ନୀଳାଞ୍ଚଳ ମନହୀରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟ ଅଭିଯୁକ୍ତ ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ବଡବୁର୍କାବାହାଲ ଗ୍ରାମର ପ୍ରକାଶ ମନହୀରା ଓ ଘଟଣାର ମୁଖ୍ୟ ସୂତ୍ରଧର ବନ୍ଧପାଲି ଗ୍ରାମର ମୁଖ୍ୟ ଅଭିଯୁକ୍ତଙ୍କ ମାମୁଁ ଲଳିତ ବନଛୋରଙ୍କୁ ପୋଲିସ ଗିରଫ କରିବା ସହିତ ଅପହୃତାଙ୍କୁ ଉଦ୍ଧାର କରିଥିଲା। ପରେ ପୀଡିତାଙ୍କୁ ତରଭା ସ୍ଥିତ ସୁଧାର ଗୃହରେ ରଖାଯାଇଥିଲା। ଶନିବାର ଅପରାହ୍ନରେ ପ୍ରକାଶ ମନହୀରା ଓ ଲଳିତ ବନଛୋରଙ୍କୁ ଦଫା ୧୪୭, ୧୪୮, ୨୯୪, ୫୦୬, ୩୬୬, ୩୮୦, ୧୪୯ ଆଇପିସିରେ ଏକ ମାମଲା (ନଂ. ୩୭/୨୧) ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଡୋଲାମଣୀ ଭୋଇଙ୍କଠାରୁ ପ୍ରକାଶ ।

### ଇମ୍ପେରିଆଲ କଲେଜ ଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୨୦।୩:** ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର କମ୍ପ୍ୟୁଟର



ସାଇନ୍ସର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାଫଳ ନିକଟରେ ପ୍ରକାଶ ପାଇଛି। ଏଥିରେ ବରଗଡ଼ ଇମ୍ପେରିଆଲ କଲେଜର ଛାତ୍ର ସୁବଳ ମେହେର ବିଶ୍ୱବିଦ୍ୟାଳୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ କଲେଜରେ ଏହି ପରୀକ୍ଷାଫଳରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାଫଳକୁ ନେଇ କଲେଜରେ ଉତ୍ସାହ ପ୍ରକାଶ ପାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ କଲେଜର ଚେୟାରମ୍ୟାନ ଦୀପକ ଗୋୟଲଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ କୃତଜ୍ଞତା ଜଣାଇଛନ୍ତି ।

### କୃଷକ ସଙ୍ଗଠନ ଦେଲା ଦାବିପତ୍ର

**ଜାମଟିକ୍ରା, ୨୦।୩ (ଡି.ଏନ.ଏ):** ଚଳିତ ରବି ଋତୁ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ସମସ୍ୟା ସମ୍ପର୍କରେ ଶନିବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୁଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଧାର କାର୍ଡ ଲିଙ୍କ୍‌ରେ ସରଳୀକରଣ, ନୂଆ ଜମି କିଣିଥିବା ମାଲିକଙ୍କ ନାମରେ ଆଧାର ଲିଙ୍କ୍ କରି ତାଙ୍କ ଆକାଉଣ୍ଟରେ ଧାନ ବିକ୍ରି ଟଙ୍କା ଜମା କରିବା, ଚକଭୁକ୍ତ ହୋଇ ନ ଥିବା ବୁଗବୁଗା ଓ ଜହ୍ନାପଡା ପଞ୍ଚାୟତର ଚାଷୀଙ୍କ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖଜଣା ଆଦାୟ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ଦେବା ସମୟରେ ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁବାଷ ବିଶ୍ୱାଳ, ଦଶରଥ ଭୋଇ, ଆପା ରାଓ, ବୁଦ୍ଧଦେବ ନନ୍ଦ, କୀର୍ତ୍ତନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଦାବି ଗୁଡିକ ପୂରଣ ନ ହେଲେ କୃଷକ ସଙ୍ଗଠନ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚାଷୀନେତାମାନେ ଚେତାବନୀ ଦେଇଛନ୍ତି ।

### ମଶାରି ବଣ୍ଟନ କାର୍ଯ୍ୟକ୍ରମ

**ଜୁନାଗଡ,୨୦।୩(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ଜିଲିଙ୍ଗଦର ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତ୍ରିଭୁବନ ପଣ୍ଡା ଯୋଗଦେଇ ଗ୍ରାମର ୨୫୮ଟି ପରିବାରକୁ ମଶାରୀ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏନଏମ୍ ସନ୍ତୋଷିନୀ ବେମାଲ,ସ୍ୱାସ୍ଥ୍ୟକର୍ମୀ ଇପସିତ ମେହେର,ଅଙ୍ଗନ ୱାଡି କର୍ମୀ କୁନ୍ତଳା ମାଝୀ,ସତ୍ୟଭାମା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ଅପରାଧ, ଲୋକେ ଭୟଭୀତ

**ଅବାଧ ନିଶା କାରବାର ର୍‍ୟାକେଟ ସକ୍ରିୟ**

**ଅତାବିରା, ୨୦।୩ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ବ୍ଲକ, ଏନଏସି ଓ ଭେଡେନ ଥାନା, ଗୋଡଭଗା, ରୁକ୍ସୁଡା ଫାଣ୍ଡି ଅଞ୍ଚଳରେ ନିଶା କାରବାର ର୍‍ୟାକେଟ ସକ୍ରିୟ ହୋଇପଡିଛନ୍ତି। ଏହି ର୍‍ୟାକେଟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅବାଧରେ କୋରେକ୍ସ, ଗଞ୍ଜେଇ, ଦେଶୀ ବିଦେଶୀ ମଦ, ଡ୍ରଗ୍ସ ଭଳି ନିଶା କାରବାର କରି କାୟାବିସ୍ତାର କରିସାରିଲେଣି। ସେମାନେ ଶିକ୍ଷିତ ଯୁବକଙ୍କୁ ଏଜେଣ୍ଟ ନିୟୋଜିତ କରି ଏହି କାରବାର ଚଳାଇଥିଲେ ମଧ ପୋଲିସ ପ୍ରଶାସନ ଏଥିପ୍ରତି ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇପାରିନାହିଁ। ଫଳରେ ଅଞ୍ଚଳରେ ହତ୍ୟା, ଚୋରି, ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ରେଙ୍ଗାଲି କ୍ୟାମ୍ପ ବାଳଯୋଗେଶ୍ୱରୀ ଶିବବାଳା ଆଶ୍ରମର ସନ୍ଥ ହତ୍ୟା, ଡଡଙ୍ଗାପାଲି ଦେବାଂଶୁ ବରିହା ହତ୍ୟା, ସିଂହପାଲି ଛତିଶଗଡର ମନିରାମ ହତ୍ୟା, ଜୁନାନୀ ଜଙ୍ଗଲରୁ ବଳରାମ କୁଅଁରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା ଘଟିଯାଇଥିବା ବେଳେ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ସନ୍ଥ ଓ ଦେବାଂଶୁ ହତ୍ୟା ଘଟଣାରୁ ପରଦା ହଟିସାରିଥିବା ବେଳେ ବେଳେ ଏଯାଏ ବଳରାମ କୁଅଁର ଓ ମନିରାମ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇପାରିନି। ଏହା ପୋଲିସ ପାଇଁ ମୁଣ୍ଡ ବ୍ୟଥା ସାଜିଛି। ସେହିପରି ଏକାଧିକ ଚୋରି, ଲୁଟ୍ ଘଟଣା ଘଟିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଟେର୍ ସୁଦ୍ଧା ପାଇନାହିଁ। ଜାଙ୍ଗେଡ ନାଗଭୂଷଣଙ୍କ ଘରେ ବୋମା ବିସ୍ଫୋରଣକୁ ୩ ବର୍ଷ ଏବଂ କୁମେଲସିଂହା ଶିଶୁ ହତ୍ୟା ଘଟଣାକୁ ୧୮ବର୍ଷ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କ ପତ୍ତା ମିଳିନି। ଏସବୁ ଘଟଣାର ତଦନ୍ତ ପୋଲିସ ଫାଇଲରେ ଅଟକି ଯାଇଛି। ଏ ସମ୍ପର୍କରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ତଦନ୍ତ ଚାଲିଛି। ହତ୍ୟା, ଚୋରି, ଲୁଟ୍ ଘଟଣାର ଅଭିଯୁକ୍ତ ମାନେ ଧରାପଡିବେ ବୋଲି ସେ କହିଥିଲେ।

# ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ



ବରଗଡ଼ ଜିଲାପାଳ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

**ବରଗଡ଼ ଅଫିସ୍,୨୦।୩**

ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିଷ୍ଠାତା ପଦ୍ମଶ୍ରୀ ଡଃ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୨ତମ ଜୟନ୍ତୀ ସମାରୋହ ଶନିବାର ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଛି। ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସସୀମ ସହଯୋଗ ସମିତି ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବ୍ଲକ ଅଫିସ ସମ୍ମୁଖ ତଥା ସମିତିର ବିକ୍ରୟ କେନ୍ଦ୍ର ପରିସରରେ ରହିଥିବା ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସସ୍ମିତ ଆଚାର୍ଯ୍ୟ, ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସଙ୍କ ସମେତ ବସ୍ତ୍ରାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ପ୍ରଧାନ ଏବଂ ପ୍ରଫେସର ସୁଜିତ କୁମାର ପୃଷେଠ ଯୋଗଦେଇ ପଦ୍ମଶ୍ରୀ ଡଃ କୃତାର୍ଥ ଅଚାର୍ଯ୍ୟ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଦୀପ କୁମାର ହୋତା ସଭାପତିତ୍ୱ କରିଥିବାବେଳେ ସମ୍ବଲପୁରୀ ବସ୍ତ୍ରାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ବରଗଡ଼ ସହର ଉପକଣ୍ଠ ନାଗେନପାଲିସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝି ଏବଂ ଅନ୍ୟ ଅଧ୍ୟାପକମାନେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ଆଶୁତୋଷ ନାୟକ ସ୍ୱାଗତ ଭାଷଣ ଏବଂ ବିନୋଦ ବିହାରୀ ବୁଧିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ୨ ମୃତ, ରାସ୍ତାରୋକୋ



ସରମୁହାଣଠାରେ ମୃତଦେହ ରଖି ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି ।

**ବଲାଙ୍ଗୀର ଅଫିସ,୨୦।୩**

ବଲାଙ୍ଗୀର ଜିଲା ପାଟଣାଗଡ–ଯୋଗୀମୁଣ୍ଡା ରାସ୍ତାର ଝାରବନ୍ଧ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଘୁନଘୁଟିପାଲି ଗ୍ରାମର ଦାମୋଦର ସେଠ୍ ଏବଂ ଈଶ୍ୱର ବାରଲେବଡିଆଙ୍କ ମୃତ୍ୟୁ ଘଟିଥିଲା । ସେମାନେ ଏକ ବାଇକରେ ପାଟଣାଗଡ ପଟକୁ ଆସୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ପୋଲିସ ଶନିବାର ବ୍ୟବଚ୍ଛେଦ ପରେ ଦୁଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି କୃଷକ ସେନାସଭାପତି ସୌରୀ କୁମାର ସାହୁଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସରମୁହାଣଠାରେ ପାଟଣାଗଡ–ବଲାଙ୍ଗୀର ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା । ଅପରାହ୍ନ ୩ଟାରେ ପ୍ରଶାସନିକ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ୩ ଦିନ ମଧ୍ୟରେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା ।

# ଉତ୍କଳ ଶାନ୍ତି, ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ବିଜୟୀ

**ବରଗଡ଼ ଅଫିସ୍,୨୦।୩**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ ଏବଂ ବିକାଶ ଷ୍ଟାଡ଼ିୟମରେ ଜିଲା କ୍ରିକେଟ ଆସୋସିଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ବରଗଡ଼ର ଉତ୍କଳ ଶାନ୍ତି କ୍ଲବ ଓ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଷ୍ଟାଡ଼ିୟମରେ କୁମ୍ଭାରୀର ଭବାନୀ କ୍ଲବ ଓ ବରଗଡ଼ର ଉତ୍କଳ ଶାନ୍ତି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଭବାନୀ କ୍ଲବ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୭.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଜବାବରେ ଉତ୍କଳ ଶାନ୍ତି କ୍ଲବ ୨୨.୫ ଓଭରରେ ମାତ୍ର ୨ଟି ଉଇକେଟ୍ ହରାଇ ୧୪୩ରନ ସଂଗ୍ରହ ସହିତ ମ୍ୟାଚକୁ ୮ଉଇକେଟ୍‌ରେ ଜିତିଥିଲା। ସେହିପରି ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ୍‌ରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଓ ସୁପର ଜିମ୍ନାସିୟମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଟସ୍ ଜିଣି ପ୍ରତିପକ୍ଷକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସୁପର ଜିମ୍ନାସିୟମ ବ୍ୟାଟିଂ କରି ୩୫.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୨ରନ ସଂଗ୍ରହ କରିଥିଲା। ଜବାବରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ୧୫.୩ ଓଭରରେ ୬ଟି ଉଇକେଟ୍ ହରାଇ ୧୫୬ରନ ସଂଗ୍ରହ ସହିତ ମ୍ୟାଚକୁ ୪ଉଇକେଟ୍‌ରେ ଜିତି ନେଇଥିଲା।

# ୬ ଫେରାର ଅଭିଯୁକ୍ତ ଗିରଫ

**ନୂଆପଡା ଅଫିସ,୨୦।୩**

ବିଭିନ୍ନ ସ୍ଥାନରେ ଚୋରିକରି ଫେରାର ଥିବା ୬ଜଣ ଅଭିଯୁକ୍ତଙ୍କୁ ନୂଆପଡା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାନ୍ନାଲାଲ ଅଗ୍ରୱାଲ (୨୪), ଜାମିଲ ଅବଦୁଲ(୨୮), ରାଜେଶ ବାଗ(୨୫), ରୋହିତ ଡଗ୍ରେ(୨୨), ଅସରାଫି ଅବଦୁଲ(୨୫) ଓ ଦାଦୁ ସୋନୀ(୩୮)। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ଦୁଇଟି ବାଇକ ଏବଂ ସୁନା ଅଳଙ୍କାର ଜବତ ହୋଇଛି ବୋଲି ଏସପି ରାହୁଲ ଜୈନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଧରମବନ୍ଧା, ଜୋଙ୍କ ଖରିଆର ରୋଡ ଓ ବେଲଟୁକୁରି ଥାନା ଅଞ୍ଚଳରେ ଚୋରି କରି ଫେରାର ଥିଲେ। ପୋଲିସ ଏ ନେଇ ୩ଟି ଥାନାରେ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ନୂଆପଡା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଆଇଆଇସି ଅନିରୁଦ୍ଧ ମୁଦୁଲି, କ୍ଷୀରୋଦ ବାଗ, ଦିଲୀପ କୁମାର ଲେକ୍ରାଙ୍କ ଉଦ୍ୟମରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଥିଲା।



ଗିରଫ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଛି।

# ଛେଳି, ମେଣ୍ଢା, ଗୋପାଳନକୁ ଗୁରୁତ୍ୱ



ଶିବିରରେ ମଞ୍ଚାସୀନ ପ୍ରାଣୀ ଚିକିତ୍ସାଧିକାରୀ ।

**ଅମ୍ବାଭୋନା,୨୦।୩(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ପ୍ରକାଶପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ଛେଳି, ମେଣ୍ଢା ଓ ଗୋପାଳନ ନେଇ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୬ରୁ ୧୭ତାରିଖ ଛେଳି, ମେଣ୍ଢା ଏବଂ ୧୮ରୁ ୧୯ତାରିଖ ଗୋପାଳନ ଉପରେ ଶିବିର ଚାଲିଥିଲା। ଶିବିରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. କୁଞ୍ଜବିହାରୀ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବୋଧ କୁମାର କର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶାନ୍ତ ନାଏକ, ଜିଲା ପ୍ରଶିକ୍ଷଣ ସଂଯୋଜକ ଡା. ବିକାଶ କୁମାର ଅଗ୍ରୱାଲ, ଅମ୍ବାଭୋନା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶ୍ରୀକାନ୍ତ କୁମାର ପରିଡ଼ା, ଭଟଲି ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପ୍ରଧାନ, ଡୁଙ୍ଗୁରୀ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ସସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଛେଳି, ମେଣ୍ଢା, ଗୋପାଳନ ଉପରେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୪୦ଜଣ ଚାଷୀ ଯୋଗ ଦେଇଥିଲେ । ମନବୋଧ ଭୋଇ, ସୁରଜିତ ବିଶ୍ୱାସ, ରବି ମେହେର, ଆଲୋକ ନାରଙ୍ଗ, ନାରାୟଣ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ ।

# ଦାଦନ ସର୍ଦ୍ଦାର କୋର୍ଟ ଚାଲାଣ

**୭ ଦାଦନ ଶ୍ରମିକ ବନ୍ଧକ ପକାଇବା ଘଟଣା**

**କୋକସରା,୨୦।୩ (ଡି.ଏନ.ଏ.)**

୭ ଜଣ ଦାଦନ ଶ୍ରମିକ ବନ୍ଧକ ପକାଇବା ଘଟଣାରେ କୋକସରା ପୋଲିସ ୫ ମାସ ପରେ ଅନ୍ୟ ଜଣେ ଦାଦନ ସର୍ଦ୍ଦାର ସନ୍ତୋଷ ପାଣ୍ଡେ (୩୫)ଙ୍କୁ ଛତିଶଗଡରୁ ଗିରଫ କରିଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଧର୍ମଗଡ଼ ବ୍ଲକ ଛତାଗୋଏରା ଗ୍ରାମର ଦାଦନ ସର୍ଦ୍ଦାର କୃଷ୍ଣ ଦୁର୍ଗା ଗତବର୍ଷ ଅକ୍ଟୋବର ମାସରେ କୋକସରା ଓ ଆମପାଣି ଥାନା ଅଞ୍ଚଳର ୭ ଜଣ ଶ୍ରମିକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଦାଦନ ଖଟିବାକୁ କହି ମଧ୍ୟପ୍ରଦେଶ ରାଜ୍ୟର ଖାର୍ବାକୁ ନେଇ ଏକ ଠିକା ସଂସ୍ଥାରେ ବନ୍ଧକ ପକାଇ ଦେଇଥିଲେ। ଏହି ଘଟଣାରେ ତାଙ୍କୁ ସହଯୋଗ କରିଥିଲେ ଛତିଶଗଡ଼ ରାଜ୍ୟ କୁଣ୍ଡାଗାଁ ଜିଲା କେଶକାଳ ଥାନା ଗୋରାବାଣ୍ଡି ଗାଁର ସୀତାରାମ ଓରଫ ସନ୍ତୋଷ ପାଣ୍ଡେ। ତେବେ ଶ୍ରମିକଙ୍କ ପରିବାରର ଅଭିଯୋଗ ପରେ ସମସ୍ତ ଶ୍ରମିକଙ୍କୁ କୋକସରା ଓ ଆମପାଣି ପୋଲିସ ଉଦ୍ଧାର କରିଥିଲା । ପୂର୍ବରୁ ଏହି ମାମଲାରେ ଦାଦନ ସର୍ଦ୍ଦାର କୃଷ୍ଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ପରେ ସନ୍ତୋଷଙ୍କୁ ଗିରଫ କରାଯାଇ ନଂ ୨୫୨/୨୧ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବାସୁଦେବ ଛାତ୍ରିଆ ସୂଚନା ଦେଇଛନ୍ତି।



# ତିନିଶହ ଦିନ କାମ କରିଥିବା ଶ୍ରମିକ ପରିବାର ସମ୍ବର୍ଦ୍ଧିତ

**ଖପ୍ରାଖୋଲ, ୨୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ଅନ୍ତର୍ଗତ ହିର୍ଲି ଗାଁର ଚିନ୍ତାମଣି ରାଉତଙ୍କ ପରିବାର ନିଜ ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକରେ ପ୍ରଥମ କରି ୩ ଶହ ଦିନ କାମ ପୂରଣ କରିଛନ୍ତି। ବ୍ଲକ ପ୍ରଶାସନ ତରଫରୁ ତାଙ୍କ ପରିବାରକୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଖପ୍ରାଖୋଲ ବିଡିଓ ତରଣୀ ସୁନା, ଏପିଓ ସୁଧାଂଶୁ ମେହେର, ଜିଆରଏସ୍ ପବିତ୍ର କାଲସାଏ, ଗାଁସାଥୀ, ୱାର୍ଡସଭ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ବିଡିଓ ସୁନା ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ ।

# ବୌଦ୍ଧ ଜିଲାରେ ଖରିଫ ଧାନ ସଂଗ୍ରହ ଟାର୍ଗେଟ ବୃଦ୍ଧି

**ବୌଦ୍ଧ,୨୦।୩(ସ୍ୱ.ପ୍ର.):** ରାଜ୍ୟରେ ଚାଷୀଙ୍କ ଧାନ ବିକ୍ରି ନ ହେବାରୁ ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଓ କାର୍ଯ୍ୟାଳୟ ଘେରାଓ କରିବା ସହ ବିଧାନସଭାରେ ଏନେଇ ହୋହଲ୍ଲା ହୋଇଛି। ନିକଟରେ ରାଜ୍ୟ ସରକାର ଚାଷୀଙ୍କ ଧାନ କିଣା ହେବା ନେଇ ନିର୍ଦ୍ଦେଶ ଜାରି କରିବା ପରେ ବୌଦ୍ଧ ଜିଲାର ୧୫ ଗୋଟି ପ୍ୟାକ୍ସକୁ ଅତିରିକ୍ତ ୧୪୭୦୫ କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ମିଳିଛି। ଫଳରେ ଜିଲାର ମୋଟ ଟାର୍ଗେଟ୍ ବୃଦ୍ଧି ପାଇ ୧୬ଲକ୍ଷ ୮୯ହଜାର ୭୦୫ କୁଇଣ୍ଟାଲରେ ପହଞ୍ଚିଛି। ଅତିରିକ୍ତ ଟାର୍ଗେଟ୍ ପ୍ରଦାନ କରାଯାଇଥିବା ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଜିଲା ଯୋଗାଣ ବିଭାଗକୁ ଅବଗତ କରାଯାଇଛି। ଜିଲାରେ ତିନୋଟି ପର୍ଯ୍ୟାୟରେ ଚାଷୀଙ୍କ ଠାରୁ ୧୬ଲକ୍ଷ ୭୫ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା। କିନ୍ତୁ ଚାଷୀ ଧାନ ବିକ୍ରି କରି ପାରି ନ ଥିବାରୁ ମଣ୍ଡିଗୁଡିକରେ ଅଚଳାବସ୍ଥା ଦେଖାଦେଇଥିଲା। ଚାଷୀ ମଣ୍ଡିଗୁଡିକରେ ଧାନ ରଖି ରାସ୍ତା ଅବରୋଧ କରିବା ସହ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରିଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଉଦ୍ୟମକ୍ରମେ ବୌଦ୍ଧ ଜିଲାକୁ ଅତିରିକ୍ତ ୧୪୭୦୫ କୁଇଣ୍ଟାଲ ଅତିରିକ୍ତ ଧାନ କିଣିବା ପାଇଁ ଅନୁମତି ମିଳିଛି । ଏହି ଅତିରିକ୍ତ ଟାର୍ଗେଟ ମଧ୍ୟରୁ ବଘିଆପଡା ପ୍ୟାକ୍ସକୁ ୭୦୦ କୁଇଣ୍ଟାଲ, ବହିରାକୁ ୧୫୦୦ କୁଇଣ୍ଟାଲ, ଖୁଣ୍ଟବନ୍ଧକୁ ୧୦୦୦ କୁଇଣ୍ଟାଲ, ମନୁପାଲିକୁ ୧୦୦୦ କୁଇଣ୍ଟାଲ, ମୁଣ୍ଡିପଦରକୁ ୧୫୦୦ କୁଇଣ୍ଟାଲ, ରକ୍ସାକୁ ୧୫୦୦ କୁଇଣ୍ଟାଲ, ନାରାୟଣପ୍ରସାଦ ପ୍ୟାକ୍ସକୁ ୩୦୦ କୁଇଣ୍ଟାଲ, ବାମଣ୍ଡାକୁ ୧୦୦୦ କୁଇଣ୍ଟାଲ, ବାଣୀଭୂଷଣପୁର ୧୦୦୦ କୁଇଣ୍ଟାଲ, ହରଭଙ୍ଗା ୩୦୦ କୁଇଣ୍ଟାଲ, ପୁରୁଣାକଟକ ୮୦୦ କୁଇଣ୍ଟାଲ, ସମ୍ପୋଚ ୭୦୦ କୁଇଣ୍ଟାଲ, ଶଙ୍କୁଲେଇ ୭୦୫ କୁଇଣ୍ଟାଲ ଏବଂ ସରସରା ପ୍ୟାକ୍ସକୁ ୧୫୦୦ କୁଇଣ୍ଟାଲ ଅତିରିକ୍ତ ଧାନ କିଣିବା ପାଇଁ ଅନୁମତି ମିଳିଛି। ଏହି ଅନୁମତି ମିଳିବା ପରେ ଜିଲାରେ ପୁଣିଥରେ ଧାନ କିଣା ଆରମ୍ଭ ହୋଇଥିବା ସହ ଚାଷୀମାନଙ୍କୁ ଟିକିଏ ଆଶ୍ୱସ୍ତି ମିଳିଛି। ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ୧୬ଲକ୍ଷ ୮୧ହଜାର ୯୯୧ କୁଇଣ୍ଟାଲରେ ପହଞ୍ଚିଛି । ଆଉ ୭୭୧୪ କୁଇଣ୍ଟାଲ ଧାନ କିଣା ବାକି ରହିଥିବା ଜଣାପଡିଛି।


इंडियन बैंक Indian Bank
इलाहाबाद ALLAHABAD

**ବାପୁଜୀ ନଗର ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ତା.୧୨.୦୩.୨୦୨୧ରିଖ**ରେ ରେଜିଷ୍ଟ୍ରେଡ ପୋଷ୍ଟ ମାଧ୍ୟମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :

**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା : ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ, ଜୟପୁର, କୋରାପୁଟ, ଓଡିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା)**, ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯
**(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯ ।

**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**

ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।

ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତି ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।

ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

**ସୂଚୀ**

ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

**ବନ୍ଧକଥିବା ସମ୍ପତ୍ତି :** **ଶ୍ରୀ ପଞ୍ଚାନନ ପଟ୍ଟନାୟକ**, ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ'**, ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅବିଭାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ ନଂ.-୪୦ (ଡମଣା)**, ଡିଏସ୍‌ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି: ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ - ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।

**ଆୟତାଧିନ ସମ୍ପତ୍ତି :** ଏମ୍ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍ଟ୍ସ ବ୍ୟାଙ୍କର ଆୟତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)